EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ଓଡ଼ିଶାକୁ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର

ବର୍ଷ-୪ ସଂଖ୍ୟା-୪୫ ୨୩ - ୨୯ ନଭେମ୍ବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-45 23rd - 29th NOVEMBER, 2020 BHUBANESWAR ₹ 5/- (8 Pages)

### ହାଜତରେ ଥାର୍ଡ ଡିଗ୍ରୀ, ମୃତ୍ୟୁ ଅଡୁଆ ବଢୁଛି

# ‘ଅପରାଧୀଙ୍କୁ ଘଣ୍ଟ ଘୋଡାଉଛନ୍ତି ସରକାର’

**ଭୁବନେଶ୍ୱର :** ପୁରୀରେ ହାଜତ ମୃତ୍ୟୁ, ପିପିଲି ଥାନାରେ ନିର୍ଯାତନା ମାମଲା ଓ ବୀରମିତ୍ରପୁରରେ ପୋଲିସ ହେପାଜତରେ ଥିବା ଦୁଇଜଣଙ୍କୁ ପିଟି ପିଟି ମାରି ଦିଆଯାଇଥିବା ଅଭିଯୋଗ ନେଇ ବିଧାନସଭାରେ ବିରୋଧୀଙ୍କ ହଙ୍ଗାମେ ଓ ଗୃହ ଅଚଳ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଧୀରେ ଧୀରେ ଏହି ମାମଲା ସଙ୍ଗୀନ ମୋଡ ନେଉଛି। ରାଜନୈତିକ ଦଳ ଏହି ଘଟଣାକୁ ନେଇ ରାଜରାସ୍ତାକୁ ଓହ୍ଲାଇବା ସହ ପୁରୀରେ ବିଜେପି ପକ୍ଷରୁ ତତ୍କାଳୀନ ଏସ୍‌ପିଙ୍କ ଗିରଫ ଦାବିରେ ବିକ୍ଷୋଭ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସେହିପରି ପିପିଲି ହାଜତ ନିର୍ଯାତନକୁ ନେଇ କଂଗ୍ରେସ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଛି। ଉତ୍ତେଜନା ଭୟରେ ପିପିଲି ଥାନା ବାହାରପଟୁ ବନ୍ଦ ରଖାଯାଇଛି। ଅଭିଯୁକ୍ତଙ୍କ ପରିବାର ଲୋକେ ମଧ୍ୟ କ୍ଷୋଭ ପ୍ରକାଶ ସହ ସେମାନଙ୍କ ସମ୍ପର୍କୀୟ କେଉଁଠି ଅଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ପିପିଲି ଥାନା ହାଜତରେ ଥାର୍ଡ ଡିଗ୍ରୀ କରି ୫ଜଣ ଅଭିଯୁକ୍ତଙ୍କୁ ଅକଥନୀୟ ନିର୍ଯାତନା ଦିଆଯିବା ସହିତ ସେମାନଙ୍କ ମଳଦ୍ୱାରରେ କ୍ଷତ ସୃଷ୍ଟି କରାଯାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ଠିକ୍ ନଥିବା ନେଇ ବିଧାନସଭା ଉଠୁଛି ପଡୁଛି। ହାଜତ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ଦାବି କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଏବଂ କଂଗ୍ରେସ ବିଧାୟକ



ଦଳ ନେତା ନରସିଂହ ମିଶ୍ର ସରକାରଙ୍କୁ କାଠଗଡାକୁ ଭିଡିଛନ୍ତି। ଶନିବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଶାସକ ଦଳ ଉପରେ ବର୍ଷିଥିଲେ। ସେ କହିଥିଲେ, ୨୦୧୮ରୁ ୨୦୨୦ ମଧ୍ୟରେ ରାଜ୍ୟରେ ୧୯୮ଜଣ ମହିଳାଙ୍କୁ ବଳାତ୍କାର କରାଯାଇଛି। ଗରିବ ଲୋକଙ୍କୁ ମାରି ସରକାର ଆଇଏଏସ୍, ଆଇପିଏସ୍ ଅଫିସରମାନଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଆଇଆଇସି ଓ କନେଷ୍ଟବଳ କେ. ରମେଶଙ୍କୁ ଥାନାକୁ ଉଠାଇ ନେଇ ପିଟିଥିଲେ। ଏବେ ଏସ୍‌ପିଙ୍କୁ ବଞ୍ଚାଇବାକୁ ମୃତ ବ୍ୟକ୍ତିଙ୍କ ନାମରେ ମିଛ ସତ କହି ତାଙ୍କୁ ଫସେଇବାକୁ ଚେଷ୍ଟା କରାଯାଉଛି। ପୁରୀ ଓ ବୀରମିତ୍ରପୁର ଘଟଣାରେ ଯେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ନାଏକ ଦାବି କରିଥିଲେ। ସେ କହିଥିଲେ, ପୁରୀରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣକ ପୂର୍ବରୁ ଛୋଟକାଟିଆ ଚୋରି କରୁଥିବା ବେଳେ ୧୭/୧୮ ବର୍ଷ ହେଲା ସେ କୌଣସି ଖରାପ କାମରେ ଲିପ୍ତ ନ ଥିଲା। ହେଲେ ପୁଲିସ ତାକୁ ଉଠାଇ ନେଇ ଥାନାରେ ପିଟି ପିଟି ମାରିଦେଲା। ସେହି ଥାନାରେ ଥିବା ଅନ୍ୟ ଅପରାଧୀମାନେ ଏହା ଦେଖି ଦେବାରୁ ସେମାନଙ୍କୁ ରାତାରାତି ବ୍ରହ୍ମଗିରି ଥାନାକୁ ପଠାଇ ଦିଆଗଲା। ମୃତବ୍ୟକ୍ତିଙ୍କୁ ସ୍ୱର୍ଗଦ୍ୱାରରେ ପୁଲିସ ଦାହ କରିଥିବା ବେଳେ କୌଣସି ରୀତିନୀତି ପାଳନ ହୋଇନଥିଲା। ବଲାଙ୍ଗିରରେ ଜଣକ ଘରେ ପଶି ଦୁର୍ବୃତମାନେ ୬ ଜଣଙ୍କୁ ମାରିଦେଲେ। ଏଭଳି ସ୍ଥିତିରେ ଲୋକେ କିପରି ରହିବେ ବୋଲି ସେ ପ୍ରଶ୍ନ କରିଥିଲେ। ୨୦ ବର୍ଷର ସରକାର ଭୋଟରମାନଙ୍କ ➤ ପୃ-୬

## ସ୍କୁଲ୍ ବନ୍ଦ ନିଷ୍ପତ୍ତି ଭାରି ପଡିଲା



**ଭୁବନେଶ୍ୱର :** ରାଜ୍ୟରେ ପ୍ରାୟ ୧୪ ହଜାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ୍‌କୁ ବନ୍ଦ କରିବା ନିଷ୍ପତ୍ତି ବିରୋଧରେ ଶନିବାର ବିଧାନସଭାରେ ବିରୋଧୀ ବିଜେପି ଓ କଂଗ୍ରେସ ସଦସ୍ୟ ପ୍ରବଳ ହଙ୍ଗାମେ କରିଛନ୍ତି। ସ୍କୁଲ୍ ବନ୍ଦ ନିଷ୍ପତ୍ତିକୁ ନେଇ ସରକାରଙ୍କୁ ଏକପ୍ରକାର ସଣ୍ଢୁଆଶି ଆକ୍ରମଣ କରିଥିଲେ ବିରୋଧୀ। ନିଷ୍ପତ୍ତି ପ୍ରତ୍ୟାହାର ନକରିବା ଯାଏଁ ବିଧାନସଭା ଚଳାଇ ଦିଆଯିବନି ବୋଲି ବିରୋଧୀ ସଫାସଫା ଶୁଣାଇ ଦେଇଛନ୍ତି। ଏହି ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବା ଦାବିରେ ଗୃହର ମଧ୍ୟଭାଗରେ ବିରୋଧୀ ପ୍ରବଳ ହଙ୍ଗାମେ କରିବା ସହ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଏହାକୁ ନେଇ ଗୃହ ବାରମ୍ବାର ମୁଲତବୀ ହୋଇଥିବାବେଳେ ରବିବାର ଗଣଶିକ୍ଷା ମନ୍ତ୍ରୀଙ୍କୁ ଏହା ଉପରେ ଉତ୍ତର ରଖିବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଆଇନଶୃଙ୍ଖଳା ସହିତ ବିଦ୍ୟାଳୟ ବନ୍ଦ ପ୍ରସଙ୍ଗ ଉଠାଇଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା, ବିଜେପି ସଦସ୍ୟ ବିଷ୍ଣୁ ସେଠୀ ପ୍ରମୁଖ ରାଜ୍ୟର ଗାଁ ଗହଳରେ ଥିବା ସ୍କୁଲଗୁଡ଼ିକୁ ବନ୍ଦ କରିବା ନିଷ୍ପତ୍ତିର ତୀବ୍ର ବିରୋଧ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ମିଶ୍ର କହିଥିଲେ, ସ୍କୁଲ୍ ବନ୍ଦ ହୋଇଗଲେ ପିଲା ଆଉ ପାଠ ପଢ଼ିପାରିବେ ନାହିଁ। ରାଇଟ୍ ଟୁ ଏଜୁକେସନ୍ ହେଉଛି ଏକ ମୌଳିକ ଅଧିକାର। ଗରିବ ପିଲା ପାଖରେ ପଇସା ନାହିଁ, ➤ ପୃ-୬

### ବାଇଡେନଙ୍କ ଘୋଷଣା

## ‘ହୁ’ରେ ପୁଣି ସାମିଲ ହେବ ଆମେରିକା

**ୱାଶିଂଟନ :** ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି ଯେ ଆମେରିକା ପୁଣିଥରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ସାମିଲ ହେବ। ଏଥିସହିତ ଚୀନ ଏହି ସଂଗଠନର ସମସ୍ତ ନୀତି ନିୟମକୁ ଯେଭଳି କଡାକଡି ଭାବେ ପାଳନ କରେ, ସେ ପ୍ରସଙ୍ଗରେ ଆମେରିକା ତୀକ୍ଷ୍ଣ ନଜର ରଖିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଗତ ଶୁକ୍ରବାର ଏଠାରେ ଆୟୋଜିତ ରାଷ୍ଟ୍ରପତି ବିତର୍କରେ ଭାଗ ନେବା ଅବସରରେ ➤ ପୃ-୬



## ୧୧,୨୦୦ କୋଟିର ଅତିରିକ୍ତ ବଜେଟ୍ ଆଗତ

**ଭୁବନେଶ୍ୱର :** ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ମୋଟ୍ ୧୧ ହଜାର ୨୦୦ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ୍ ବିଧାନସଭାରେ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ। ବିରୋଧୀ ବିଜେପି ଓ କଂଗ୍ରେସର ପ୍ରବଳ ହୋ-ହଲ୍ଲା ମଧ୍ୟରେ ଏହି ଅତିରିକ୍ତ ବଜେଟ୍ ଆଗତ ହୋଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ଦେଢ଼ ଲକ୍ଷ କୋଟି ଟଙ୍କାର ମୂଳ ବଜେଟ୍ ଥିବାବେଳେ କରୋନା ଯୋଗୁଁ ଅର୍ଥନୀତି ପ୍ରଭାବିତ ହୋଇଥିବାରୁ ରାଜ୍ୟ ସରକାର ମୂଳ ବଜେଟ୍‌ରେ ବ୍ୟୟବରାଦ ଅର୍ଥକୁ ପୁନଃଆବଣ୍ଟିତ କରିଛନ୍ତି।



ଅତିରିକ୍ତ ବଜେଟ୍‌ରେ ମୁଖ୍ୟତଃ ସ୍ୱାସ୍ଥ୍ୟ କ୍ଷେତ୍ର, ଗ୍ରାମୀଣ ରୋଜଗାର ଏବଂ ଜୀବିକା, ଖାଦ୍ୟ ନିରାପତ୍ତା, ଶିକ୍ଷା କ୍ଷେତ୍ର, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ କ୍ଷେତ୍ର, ଭିତ୍ତିଭୂମି ଆଦି କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି। ମୋଟ୍ ୧୧,୨୦୦ କୋଟି ଟଙ୍କା ବ୍ୟୟବରାଦର ଅତିରିକ୍ତ ବଜେଟ୍‌ରେ ପ୍ରଶାସନିକ ବ୍ୟୟ ବାବଦକୁ ୨ହଜାର ୨୭୩ କୋଟି ଟଙ୍କା, କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୭,୪୩୮ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବାବଦକୁ ୧୪୮୪ କୋଟି ଏବଂ ରାଜ୍ୟ ବଜେଟରୁ ସ୍ଥାନୀୟ ସଂସ୍ଥାକୁ ହସ୍ତାନ୍ତର ବାବଦକୁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କୋଭିଡ୍ ପରିଚାଳନା ପଦକ୍ଷେପସ୍ୱରୂପ ମୁଖ୍ୟମନ୍ତ୍ରୀ ଅନେକ ➤ ପୃ-୬

### ବକ୍ରବାଣୀ



ସ୍ୱାମିଛାଡି ସିଏ ବିଧବା ନୁହେଁ
କାର୍ତ୍ତିକ ମାସରେ ଆଇଁଷ ଖାଏ
କେମିତି ଜାଣିବ କାଳିଆ କଥା
ମଦ ପିଇଦେଲେ ଘୁରାଏ ମଥା
ତେଲ ମାରିମୁରି କାମ ଚଳାଏ
ହାଇଲାଇଟରେ ତା'ମନ ଥାଏ
ଭାଇ ପାଇଁ ଭାବ ବିହ୍ୱୋଳ ହେଇ
ଇୟାଡୁ ସିୟାଡୁ ଦେଲା ସେ କହି
ସେହି ଭାଇ ପୁଣି ଚିତା କାଟିଲା
ଭଉଣୀ ସରାଗ ପାଶୋରୀ ଦେଲା।

——— ଟୁଟୁ

# ଏବେ ଅନ୍‌ଲାଇନ୍‌ରେ ମିଳିବ ୧୧ ସେବା

**ଭୁବନେଶ୍ୱର :** ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହି କ୍ଷେତ୍ରର ଉଦ୍ୟୋଗୀମାନଙ୍କ ସୁବିଧା ପାଇଁ ୫-ଟି କାର୍ଯ୍ୟକ୍ରମରେ ଅନ୍‌ଲାଇନ ଜରିଆରେ ୧୧ ପ୍ରକାର ସେବା ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କ୍ଷୁଦ୍ର, ମଧ୍ୟମ ଓ ଅଣୁ ଶିଳ୍ପ ହେଉଛି ଆମ ଅର୍ଥନୀତିର ବିକାଶର ଆଧାର। ଏହି କ୍ଷେତ୍ରରେ ହିଁ ଅଧିକ ଲୋକ କର୍ମନିଯୁକ୍ତି ପାଇଥାନ୍ତି। ତେଣୁ ଏହିସବୁ ଶିଳ୍ପ ଗୁଡ଼ିକର ପୂର୍ଣ୍ଣ କ୍ଷମତାର ଉପଯୋଗ ପାଇଁ ରାଜ୍ୟ ସରକାର ଏକ ସହାୟକ ବାତାବରଣ ସୃଷ୍ଟି କରିବା ସହିତ ସବୁପ୍ରକାର ସହଯୋଗ ଯୋଗାଇ ଦେବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କରୋନା ମହାମାରୀ ସମୟରେ ସାରା ବିଶ୍ୱର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିବାବେଳେ ଆମର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗୁଡ଼ିକ ଅତ୍ୟନ୍ତ କଠିନ ଆର୍ଥିକ ପରିସ୍ଥିତି ଦେଇ ଗତି କରୁଛନ୍ତି ଏବଂ ସରକାର ସେମାନଙ୍କୁ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କର ସ୍ୱଚ୍ଛ ନୀତି ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆସିଛି ଏବଂ କରୋନା ମହାମାରୀ ସତ୍ତ୍ୱେ ଓଡ଼ିଶାରେ ଗତ ୧୦ ମାସ ମଧ୍ୟରେ ୧ ଲକ୍ଷ ୧୭ ହଜାର କୋଟି ଟଙ୍କାର ପୁଞ୍ଜି ଆଣିବାରେ ଓଡ଼ିଶା ସଫଳ ହୋଇଛି। ଏହାଦ୍ୱାରା ୫୩ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ କର୍ମ ନିଯୁକ୍ତି ହୋଇପାରିଛି। କ୍ଷୁଦ୍ର, ମଧ୍ୟମ ଓ ଅଣୁ ଉଦ୍ୟୋଗୀମାନେ ଯେପରି ସରକାରଙ୍କର ବିଭିନ୍ନ ଯୋଜନାର ସୁବିଧା ନେଇପାରିବେ,




ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ବିଭାଗକୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଅନୁଯାୟୀ କରୋନା ସମୟରେ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଏହି ବର୍ଗର ଶିଳ୍ପ ଗୁଡିକୁ ଚଳଚଞ୍ଚଳ କରିବା ଏବଂ ଶ୍ରମିକ ବର୍ଗଙ୍କ ରୋଜଗାରର ସୁବିଧା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛି। ଆଜିର ଅନ୍‌ଲାଇନ୍ ସେବା ଗୁଡିକର ସୁଯୋଗ ନେବା ପାଇଁ ସେ ଶିଳ୍ପ ସଂସ୍ଥା ମାନଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ କଟକ ଜିଲ୍ଲାର ସଂଜୟ ବିଶ୍ୱାଳ, ଅନୁଗୁଳର ଆଶାଲତା ପାଣି ଓ ଗଞ୍ଜାମର ଇ. ସୁଜାତା ପ୍ରମୁଖ ଶିଳ୍ପଦ୍ୟୋଗୀ କରୋନା ସମୟରେ ସରକାରଙ୍କର ଆର୍ଥିକ ସହାୟତା କିପରି ସେମାନଙ୍କ ଶିଳ୍ପକୁ ପୁନର୍ଜୀବନ ଦେବା ସହିତ ଶ୍ରମିକମାନଙ୍କ ରୋଜଗାରର ସୁରକ୍ଷା ମଧ୍ୟ କରିପାରିଛି, ସେ ସଂପର୍କରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇ ଆଜିର କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶିଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଜିର ଅନ୍‌ଲାଇନ ସେବା ସଂପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ଚିନ୍ମୟ ସାହୁ, ଖଦୀ ବୋର୍ଡର ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର୍‌କେ ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ➤ ପୃ-୬




# ୨୦୨୪ରେ ଓଡ଼ିଶାରେ ବିଜେପି ସରକାର : ନଡ୍ଡା

**ଭୁବନେଶ୍ୱର :** ବିଜେପି କାର୍ଯ୍ୟାଳୟ ଏକ କୋଠା ନୁହେଁ ବରଂ ଏହା ଏକ ସଂସ୍କାର କେନ୍ଦ୍ର । ଏହି ଭବନ ମାଧ୍ୟମରେ ଆମେ ଦଳ ସହ ଯୋଡି ହୋଇ ରହିଥାଉ । ଦଳର ସଂସ୍କାର କାର୍ଯ୍ୟାଳୟରୁ ହିଁ ମିଳିଥାଏ । ବିଶ୍ୱର ସର୍ବବୃହତ ଦଳର ଏହି କାର୍ଯ୍ୟାଳୟଗୁଡିକ କାର୍ଯ୍ୟକର୍ତ୍ତାଙ୍କ ବିକାଶରେ ଭାଗିଦାର ହେବ । କେବଳ ସେତିକି ନୁହେଁ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କ ସମସ୍ୟାର ସମାଧାନ କରାଯାଏ । କିନ୍ତୁ କିଛି ଲୋକଙ୍କ କାର୍ଯ୍ୟାଳୟ ନିଜ ଘରୁ ଚାଲିଥାଏ । ଯେଉଁ କର୍ଯ୍ୟାଳୟ ଘରୁ ଚାଲେ ତାକୁ ପାରିବାରିକ ଦଳ କୁହାଯାଏ ବୋଲି ବିଜେପି ରାଷ୍ଟ୍ରୀୟ ସଭାପତି ଶ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି। ଦିଲ୍ଲୀ ଠାରେ ଶ୍ରୀ ନଡ୍ଡା ଭିଡିଓ କନଫରେନ୍ସରେ ରାଜ୍ୟର ୬ଟି ଜିଲ୍ଲା ଅନୁଗୁଳ, ଢେଙ୍କାନାଳ, କେଉଁଝର, ବାରିପଦା, ସୁନ୍ଦରଗଡ ଏବଂ ବରଗଡ ଠାରେ ବିଜେପିର ନୂତନ କାର୍ଯ୍ୟାଳୟ ଭବନକୁ ଉଦଘାଟିତ କରିଛନ୍ତି । ଏହି ଉଦଘାଟନ ସଭାରେ ଶ୍ରୀ ନଡ୍ଡା କାର୍ଯ୍ୟକର୍ତ୍ତାଙ୍କୁ ଉଦବୋଧନ କରି କହିଛନ୍ତି ଯେ, ଓଡିଶା ବିଜେପି ପାଇଁ ଆଜି ଖୁସିର ଦିନ । ୨୦୧୪ ମସିହାରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ବିଜେପିର କାର୍ଯ୍ୟାଳୟ ନିର୍ମାଣ ନେଇ




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳ୍ପନା କରିଥିଲେ । ବିଜେପିର ତତ୍କାଳୀନ ଅଧ୍ୟକ୍ଷ ଅମିତ ଶାହା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସ୍ୱପ୍ନକୁ ସାକାର କରିବା କାର୍ଯ୍ୟରେ ସାମିଲ ହୋଇ ଏହି କାର୍ଯ୍ୟକୁ ଆଗକୁ ବଢାଇଥିଲେ । ଏବେ ସୁଦ୍ଧା ଦେଶର ୪୦୦ ଜିଲ୍ଲାରେ ବିଜେପି କାର୍ଯ୍ୟାଳୟ ନିର୍ମାଣ ହୋଇସାରିଥିବା ସମୟରେ ୨୦୦ ଜିଲ୍ଲାରେ ନିର୍ମାଣ କାମ ଚାଲିଛି ଏବଂ ବାକି ଅନ୍ୟାନ୍ୟ ଜିଲ୍ଲାରେ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁରହିଛି । କେବଳ ବିଜେପି ଏମିତି ଏକ ଦଳ ଯିଏ କି କାର୍ଯ୍ୟାଳୟ ନିର୍ମାଣକୁ ମଧ୍ୟ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି । ଓଡିଶାରେ ଆଗାମୀ ଦିନରେ ଆଉ ୬ଟି କାର୍ଯ୍ୟାଳୟ ନିର୍ମାଣ ହେବ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଏହି ଅବସରରେ ଶ୍ରୀ ନଡ୍ଡାଜୀ ରାଜ୍ୟର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ କାର୍ଯ୍ୟାଳୟ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ**
କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ**
କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ**
ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ**
ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା**
ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା**
ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।

**ବିଛା**
ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ**
ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର**
ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ**
ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ଫାଇଜର’ ଟିକା ୯୫% ଫଳପ୍ରଦ

**ୱାଶିଂଟନ :** ମହାମାରୀ କରୋନା ସଂକ୍ରମଣ ଭିତରେ ସବୁଠାରୁ ବଡ ଖୁସି ଖବର ସାମ୍ନାକୁ ଆସିଛି। କରୋନାକୁ ମାତ ଦେବାକୁ ଫାଇଜର କମ୍ପାନୀ ପ୍ରସ୍ତୁତ କରିଥିବା ଟିକା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଥିବା ଜଣାପଡିଛି। ସେହିପରି ଶେଷ ପର୍ଯ୍ୟାୟ ପରୀକ୍ଷାରେ ଏହା କରୋନାକୁ ମାତ ଦେବା ପାଇଁ ୯୫% ସଫଳ ବୋଲି ମଧ୍ୟ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଫାଇଜର ପକ୍ଷରୁ ଆଜି କୁହାଯାଇଛି ଯେ, ଜର୍ମାନୀର ବାଓଟେକ୍ନୋଲୋଜି କମ୍ପାନୀ ବାଇଓଟେକ ସେ ସହ ମିଳିତ ଭାବେ ପ୍ରସ୍ତୁତ ହୋଇଥିବା କରୋନା ଟିକାକୁ ନେଇ ଭଲ ଖବର ଆସିଛି। ଏହି ଟିକାର ଚୂଡାନ୍ତ ପର୍ଯ୍ୟାୟ ପରୀକ୍ଷା ବିଶ୍ୱର ବିଭିନ୍ନ ସ୍ଥାନରେ କରାଯାଇଥିଲା। ଏଥିରେ ସବୁ ବର୍ଗର




ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ଶେଷ ପର୍ଯ୍ୟାୟ ଟ୍ରାଏଲରୁ ଜଣାପଡିଛି ଯେ, ଏହି ଟିକା ନେଉଥିବା ଲୋକଙ୍କ ଶରୀରରେ ଆଶାତୀତ ଭାବେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଉଛି। ସେହିପରି ଏହା କରୋନା ଉପରେ ୯୫% ପ୍ରଭାବ ଦେଖାଇ ପାରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଟିକାକରଣ ପରେ ଲୋକଙ୍କ ଶରୀରରେ କୌଣସି ବଡଧରଣର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉନାହିଁ। ବିଶେଷକରି କରୋନା ଦ୍ୱାରା ଅଧିକ ପ୍ରଭାବିତ ହେଉଥିବା ବର୍ଗ ବା ୬୦ ବର୍ଷରୁ ଅଧିକ ବୟସ୍କଙ୍କ ଉପରେ ଏହି ଟିକା ୯୪% ପ୍ରଭାବ ଦେଖାଉଥିବା ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଟିକାର ପ୍ରଥମ ଡୋଜ ନେଇଥିବା ଲୋକଙ୍କ ମଧ୍ୟରୁ ମାତ୍ର ୨%ଙ୍କ ଶରୀରେ ସାମାନ୍ୟ ବିନ୍ଧା ଛିଟିକା ପରିଲକ୍ଷିତ ହେଉଛି। ସେହିପରି ଦ୍ୱିତୀୟ ଡୋଜ୍ ନେବା ପରେ ୩.୭% ଲୋକଙ୍କ ଶରୀରରେ ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉଛି। ଆସନ୍ତା ଗୋଟିଏ ଦିନ ଭିତରେ ଫାଇଜର ପ୍ରସ୍ତୁତ କରିଥିବା କରୋନା ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଆମେରିକା ପ୍ରଶାସନ ନିକଟରେ ଆବେଦନ କରାଯିବ ବୋଲି କମ୍ପାନୀ କହିଛି। କମ୍ପାନୀ ଆହୁରି କହିଛି ଯେ, ପ୍ରାଥମିକ ବିଶ୍ଳେଷଣରୁ ଜଣାପଡିଥିଲା ଯେ, ଟିକାକରଣର ପ୍ରଥମ ୨୮ଦିନ ମଧ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ପରୀକ୍ଷା ସମୟରେ, କୋଭିଡ୍-୧୯ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଆକ୍ରାନ୍ତ ହୋଇଥିବା ୧୭୦ଜଣଙ୍କ ରିପୋର୍ଟକୁ ସମୀକ୍ଷା କରାଯାଇଥିଲା। ଏବେ ଫାଇଜର ତୃତୀୟ ପର୍ଯ୍ୟାୟ ପରୀକ୍ଷଣର ରିପୋର୍ଟ ସମ୍ପର୍କରେ କହିଛି ଯେ, ସମସ୍ତ ବର୍ଗର ଲୋକଙ୍କ ଉପରେ ଏହି ଟିକାର ଦୁଇଟି ଯାକ ଡୋଜ୍ ସମାନ ପ୍ରଭାବ ଦେଖାଉଛି। ଟିକାର ବ୍ୟବହାର ପାଇଁ ଅନୁମତି ମିଳିଲେ ଫାଇଜର ଚଳିତ ବର୍ଷ ୫୦ ମିଲିୟନ ଡୋଜ ଟିକା ପ୍ରସ୍ତୁତ କରିବ। ଏହାଦ୍ୱାରା ୨୫ ମିଲିୟନ ଲୋକଙ୍କୁ କରୋନା କବଳରୁ ରକ୍ଷା କରାଯାଇ ପାରିବ। ସେହିପରି ୨୦୨୧ରେ କମ୍ପାନୀ ୧.୩ ବିଲିୟନ ଡୋଜ୍ ଟିକା ପ୍ରସ୍ତୁତ କରିବ ବୋଲି କହିଛି।

## ଡଗ୍ଲାସ ଷ୍ଟୁଆର୍ଟଙ୍କୁ ବୁକର ପୁରସ୍କାର

**ନୂଆଦିଲ୍ଲୀ :** ଚଳିତବର୍ଷର ମର୍ଯ୍ୟାଦାଜନକ ବୁକର ପୁରସ୍କାର ଘୋଷଣା କରାଯାଇଛି। ନ୍ୟୁୟର୍କରେ ବସବାସ କରୁଥିବା ସ୍କଟଲାଣ୍ଡର ଲେଖକ ଡଗ୍ଲାସ୍ ଷ୍ଟୁଆର୍ଟଙ୍କୁ ତାଙ୍କର ପ୍ରଥମ ଉପନ୍ୟାସ ‘ସୁଗି ବେନ୍’ ପାଇଁ ଏହି ପୁରସ୍କାର ପାଇବେ। ୧୯୮୦ ଦଶକରେ ଗ୍ଲାସଗୋ ସହରରେ ଶ୍ରମଜୀବୀମାନଙ୍କର ଜୀବନଧାରାକୁ ଆଧାର କରି ଏହି ଉପନ୍ୟାସ ଲେଖାଯାଇଛି। ଏହି ପୁରସ୍କାର ପ୍ରଦାନ ପାଇଁ ପ୍ରସ୍ତୁତ ସର୍ଟଲିଷ୍ଟରେ ଆଉ ୫ଟି ପୁସ୍ତକ ସ୍ଥାନ ପାଇଥିଲା। ଏଥିରେ ରହିଥିଲା ଭାରତୀୟ ବଂଶୋଦ୍ଭବ ଅବନୀ ଦୋଶୀଙ୍କ ‘ବର୍ଣ୍ଣଟ୍ ସୁଗାର’। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ପୂର୍ବତନ ବୁକର ପୁରସ୍କାର ବିଜେତା କାଜୁଓ ଇସିଗୁରୋ, ମାର୍ଗାରେଟ୍ ଆଟ୍ଉଡ୍ ଓ ବର୍ଣ୍ଣାଡାଇନ୍ ଏଭାରିଷ୍ଟୋଙ୍କ ପୁସ୍ତକ ମଧ୍ୟ ବୁକର ପୁରସ୍କାର ଦୌଡରେ ରହିଥିଲା।

# ଏମ୍‌ବିବିଏସ୍ ନାମଲେଖାରେ ମିଳିବ ସୁବିଧା

**ନୂଆଦିଲ୍ଲୀ :** ଦୀର୍ଘମାସ ଧରି ଦେଶବ୍ୟାପୀ କରୋନା ରୋଗୀଙ୍କ ଚିକିତ୍ସାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିଜକୁ ଉତ୍ସର୍ଗୀକୃତ କରିଥିବା ସ୍ୱୀକୃତିପ୍ରାପ୍ତ କରୋନା ଯୋଦ୍ଧାଙ୍କ ପ୍ରତି ସମ୍ମାନ ଜଣାଇବା ଏବଂ ସେମାନଙ୍କର ଏଭଳି ଅନନ୍ୟ ଅବଦାନକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ନୂତନ ବ୍ୟବସ୍ଥା ଆପଣେଇବାକୁ ଯାଉଛନ୍ତି। ଚଳିତବର୍ଷ ଏମବିବିଏସ ଓ ବିଡିଏସ ଡାକ୍ତରୀ ପାଠ୍ୟକ୍ରମର ନାମଲେଖା ପ୍ରକ୍ରିୟାରେ ଏଭଳି କରୋନା ଯୋଦ୍ଧାଙ୍କ ସନ୍ତାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଗୁରୁବାର ଏଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୨୦୨୦-୨୧ ଶିକ୍ଷାବର୍ଷରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ସଂରକ୍ଷଣ ବ୍ୟବସ୍ଥାରେ ଏହି ନୂତନ ବର୍ଗକୁ ‘ୱାର୍ଡସ ଅଫ୍ କୋଭିଡ ୱାରିୟର୍ସ’ ବୋଲି ଆଖ୍ୟା ଦିଆଯାଇଛି। ପୁନଶ୍ଚ କରୋନା ଯୋଦ୍ଧାଙ୍କ ନିମନ୍ତେ ବ୍ୟକ୍ତିଗତ ୫୦ ଲକ୍ଷ ଟଙ୍କାର ବୀମା ଯୋଜନା ସମ୍ପର୍କରେ ଘୋଷଣା କରିବା ସମୟରେ ହର୍ଷବର୍ଦ୍ଧନ କେନ୍ଦ୍ର ସରକାରଙ୍କ ଦ୍ୱାରା ‘କରୋନା ଯୋଦ୍ଧା’ଙ୍କ ସଂଜ୍ଞାକୁ ଦୋହରାଇଛନ୍ତି। କରୋନା ୱାର୍ଡରେ କାର୍ଯ୍ୟରତ ଡାକ୍ତର, ନର୍ସଙ୍କ ବ୍ୟତୀତ କରୋନା ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ, ଘରୋଇ ହାସପାତାଳର କର୍ମଚାରୀ, ସ୍ୱେଚ୍ଛାସେବୀ, ପୌର ନିଗମରେ କାର୍ଯ୍ୟରତ ସ୍ଥାୟୀ, ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ମାନ୍ୟତା ମିଳିବ। ଏହାବ୍ୟତୀତ ରାଜ୍ୟ/କେନ୍ଦ୍ର/କେନ୍ଦ୍ରଶାସିତ ଅଞ୍ଚଳର ପ୍ରମୁଖ ସରକାରୀ ହାସପାତାଳ ଓ ଏମ୍ସ ଭଳି ଦେଶର ଗୁରୁତ୍ୱପୂର୍ଣ୍ଣ ହାସପାତାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱତନ୍ତ୍ରଭାବେ ଡାକରା ପାଇ କରୋନା

### କରୋନା ଯୋଦ୍ଧାଙ୍କ ପିଲାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା

ରୋଗୀଙ୍କୁ ଚିକିତ୍ସା କରିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଏହି ତାଲିକାଭୁକ୍ତ ହେବେ। ତେବେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କେଉଁମାନଙ୍କୁ ଏହି ମାନ୍ୟତା ମିଳିବ, ତାହା ସଂପୃକ୍ତ ସରକାର ନିଷ୍ପତ୍ତି ନେବେ ବୋଲି ହର୍ଷବର୍ଦ୍ଧନ କହିଛନ୍ତି। ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ସର୍ବଭାରତୀୟସ୍ତରରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ନିଟ୍ (ନ୍ୟାସନାଲ ଏଲିଜିବିଲିଟୀ କମ୍ ଏଣ୍ଟ୍ରାସ ଟେଷ୍ଟ)ରେ ମିଳିଥିବା ର୍ୟାଙ୍କକୁ ଆଧାର କରି ମେଡିକାଲ କାଉନସିଲ କମିଟି କରୋନା ଯୋଦ୍ଧାଙ୍କ ସନ୍ତାନଙ୍କର ମେଧା ତାଲିକା ପ୍ରସ୍ତୁତ କରିବେ ବୋଲି ଜଣାପଡିଛି।

**ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟ ପଦ ପ୍ରସଙ୍ଗ**

# ଭାରତର ବାଟ ଓଗାଳୁଛି ଚୀନ: ମୋଦି

**ନୂଆଦିଲ୍ଲୀ :** ଜାତିସଂଘ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରିବା ସହ ଭାରତକୁ ଏଥିରେ ସାମିଲ କରିବାକୁ ବିଗତ କିଛି ବର୍ଷ ଧରି ଆମେରିକା ଓ ରୁଷ ଭଳି ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ଉଦ୍ୟମ କରିଆସୁଛନ୍ତି। ତେବେ ପଡୋଶୀ ଚୀନ ବାରମ୍ବାର ଭିଟୋ କ୍ଷମତା ପ୍ରୟୋଗ କରି ଭାରତର ବାଟ ଓଗାଳୁଛି। ଏଭଳି ମତବ୍ୟକ୍ତ କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସଂପ୍ରତି ବିଶ୍ୱ ରାଜନୀତିରେ ଭାରତ ଏକ ଆଗୁଆ ରାଷ୍ଟ୍ରଭାବେ ମାନ୍ୟତା ଲାଭ କରିଥିଲେ ସୁଦ୍ଧା ଚୀନର ଏଭଳି ମନୋଭାବ ଜାତିସଂଘର ଆଭିମୁଖ୍ୟକୁ କ୍ଷୁଣ୍ଣ କରୁଛି ବୋଲି ମୋଦୀ ଆକ୍ଷେପ କରିଛନ୍ତି। ଜାତିସଂଘ ଭଳି ଏକ ଆନ୍ତର୍ଜାତିକ ସଂଗଠନକୁ ଅଧିକ କ୍ରିୟାଶୀଳ କରିବାର ସମୟ ଉପନୀତ ହୋଇଛି ବୋଲି ସେ କହିଛନ୍ତି। ଏହି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାକୁ ହେଲେ ଏହାର ସାଂଗଠନିକ ବ୍ୟବସ୍ଥାରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇପଡିଛି। ତେବେ କ୍ଷୋଭର ବିଷୟ ଏହି କି ଯେ ଆଜକୁ ୭୫ ବର୍ଷ ପୂର୍ବେ ଯେଉଁ ଲକ୍ଷ୍ୟ ନେଇ ଏହି ସଂଗଠନ ଗଠିତ ହୋଇଥିଲା, ତାହା ଏବେ ମଧ୍ୟ ସେହି ଢାଞ୍ଚାରେ କାର୍ଯ୍ୟ କରୁଥିବା ସେ କହିଛନ୍ତି। ସମୟ ବଦଳୁଥିଲେ ସୁଦ୍ଧା ଜାତିସଂଘର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ନିରାପତ୍ତା ପରିଷଦରେ କୌଣସି ପରିବର୍ତ୍ତନ ଘଟୁନଥିବା ସେ କହିଛନ୍ତି। ୧୯୪୫ରେ ନିରାପତ୍ତା ପରିଷଦ ଗଠନ ସମୟରେ ଆମେରିକା, ରୁଷ, ବ୍ରିଟେନ, ଫ୍ରାନ୍ସ ଓ ଚୀନ ଭଳି ଯେଉଁ ପାଞ୍ଚଟି ସ୍ଥାୟୀ ସଦସ୍ୟ ରହିଥିଲେ, ଆଜି ମଧ୍ୟ ସେହି ସ୍ଥିତି ଅପରିବର୍ତ୍ତିତ ରହିଛି। ଇତିମଧ୍ୟରେ ଅର୍ଥନୈତିକ ଦୃଷ୍ଟିକୋଣରୁ ଭାରତ ଆତ୍ମନିର୍ଭରଶୀଳ ହୋଇଥିବାବେଳେ ଆନ୍ତର୍ଜାତିକ ମହଲରେ ଏହାର ଗୁରୁତ୍ୱ ଦିନକୁ ଦିନ ବୃଦ୍ଧି ପାଉଛି। କୂଟନୈତିକ ମହଲ ମଧ୍ୟ ଏହାକୁ ସ୍ୱୀକାର କରୁଛନ୍ତି। ତେଣୁ ଏସିଆ ମହାଦେଶର ଦ୍ୱିତୀୟ ମହାଶକ୍ତିଭାବେ ମାନ୍ୟତା ପାଇଥିବା ଭାରତକୁ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ପଦ ପ୍ରଦାନ କରାଯିବା ଉଚିତ ବୋଲି ବିଶ୍ୱର ଏକାଧିକ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ଦୀର୍ଘ ସମୟ ଧରି ଯୁକ୍ତି କରିଆସୁଛନ୍ତି। ଏପରିକି ପରିଷଦର ଅନ୍ୟ ଚାରିଟି ରାଷ୍ଟ୍ର ଭାରତକୁ ଦୃଢ ସମର୍ଥନ ଜଣାଉଥିଲେ ସୁଦ୍ଧା ଚୀନ ଏ ପ୍ରସଙ୍ଗରେ କଣ୍ଟା ସାଜୁଛି। ଭାରତ ଅବଶ୍ୟ ନିରାପତ୍ତା ପରିଷଦର ୧୦ଟି ଅସ୍ଥାୟୀ ସଦସ୍ୟ ତାଲିକାଭୁକ୍ତ ହୋଇଥିଲେ ସୁଦ୍ଧା ସ୍ଥାୟୀ ସଦସ୍ୟ ପଦରୁ କେବଳ ଚୀନ ପାଇଁ ବଞ୍ଚିତ ହୋଇଆସୁଛି। ଭାରତ ଯଦି ସ୍ଥାୟୀ ସଦସ୍ୟ ପଦ ହାସଲ କରେ, ତେବେ ଚୀନ ତାହାର ପ୍ରଭାବ ହରାଇପାରେ ବୋଲି ଆଶଙ୍କା କରୁଛି। ଏପରିକି ଭାରତକୁ ସମର୍ଥନ କରିବା ପାଇଁ ଚୀନ ଯେଉଁ ସର୍ତ୍ତ ବାଢୁଛି, ତାହାକୁ ପୂରଣ କରିବା ଅସମ୍ଭବ ହୋଇପଡୁଛି। ବର୍ତ୍ତମାନ ସମଗ୍ର ବିଶ୍ୱ ପାଇଁ ଆତଙ୍କବାଦ ଏକ ସମ୍ବେଦନଶୀଳ ପ୍ରସଙ୍ଗ ପାଲଟିଥିବା ମୋଦୀ କହିଛନ୍ତି। ମୋଦୀଙ୍କ ଏହି ଉକ୍ତି ପାକିସ୍ତାନ ପ୍ରତି ଉଦ୍ଦିଷ୍ଟ ଥିଲେ ସୁଦ୍ଧା ସେ ପାକିସ୍ତାନର ନାମ ଉଲ୍ଲେଖ କରିନାହାନ୍ତି। ଏହି ପ୍ରସଙ୍ଗରେ ମୋଦୀ ପରୋକ୍ଷରେ ଚୀନକୁ ମଧ୍ୟ ଆକ୍ଷେପ କରିଛନ୍ତି। ପାକିସ୍ତାନ ଓ ପାକିସ୍ତାନ ମାଟିରେ ଆଶ୍ରୟ ନେଇଥିବା ଆତଙ୍କବାଦୀଙ୍କୁ ଚୀନ ବାରମ୍ବାର ଘଣ୍ଟ ଘୋଡାଉଥିବା ମୋଦୀ ଅଭିଯୋଗ କରିଛନ୍ତି। ଏପରିକି ଜୈସ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟ ଆଜାର ମାସୁଦକୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବାକୁ ଜାତିସଂଘରେ ଏକାଧିକ ବାର ପ୍ରସ୍ତାବ ଆଗତ ହୋଇଥିଲେ ସୁଦ୍ଧା ଚୀନ ଭିଟୋ କ୍ଷମତା ପ୍ରୟୋଗ କରି ବିଗତ ଦଶ ବର୍ଷ ଧରି ଏହାକୁ ନିଷ୍ଫଳ କରିଆସୁଥିବା ସେ କହିଛନ୍ତି। ତେବେ ୨୦୧୯ରେ ଆନ୍ତର୍ଜାତିକ ସମୁଦାୟର ଚାପ ଯୋଗୁଁ ଚୀନ ଏହି କୁଅଭ୍ୟାସରୁ ଓହରି ଯାଇଥିଲା। କେବଳ ମୋଦୀ କାହିଁକି ଜାତିସଂଘରେ ପରିବର୍ତ୍ତନ ଜରୁରୀ ବୋଲି ଜାତିସଂଘ ସାଧାରଣ ପରିଷଦର ସଭାପତି ଭଲକାନ୍ ବୋଜ୍‌କିର ମଧ୍ୟ ଦାବି କରିଆସୁଛନ୍ତି।

# ଅର୍ଥମନ୍ତ୍ରୀଙ୍କୁ ପଞ୍ଚଦଶ ଅର୍ଥ କମିଶନଙ୍କ ରିପୋର୍ଟ ପ୍ରଦାନ

**ନୂଆଦିଲ୍ଲୀ :** ପଞ୍ଚଦଶ ଅର୍ଥ କମିଶନ ଆଗାମୀ ପାଞ୍ଚ ବର୍ଷ (୨୦୨୧ରୁ ୨୦୨୫-୨୬) ପାଇଁ ତାଙ୍କର ଚୂଡ଼ାନ୍ତ ରିପୋର୍ଟର ଏକ ନକଲ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନିକଟରେ ଦାଖଲ କରିଛନ୍ତି। ସୋମବାର ଦିନ ଏନ.କେ. ସିଂ ନେତୃତ୍ୱାଧିନ ଆୟୋଗ ଏହି ରିପୋର୍ଟ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାଖଲ କରିଥିଲେ।ଏହା ପୂର୍ବରୁ କମିଶନ ନଭେମ୍ବର ୯ ତାରିଖରେ ଏହି ରିପୋର୍ଟ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟରେ ମଧ୍ୟ ଦାଖଲ କରିଥିଲେ। ସାମ୍ବିଧାନିକ ନିୟମ ଅନୁସାରେ କୋଭିଡ୍ ସମୟରେ ଅର୍ଥ ଆୟୋଗ(ଫାଇନାନ୍ସ କମିଶନ ଇନ କୋଭିଡ୍ ଟାଇମ୍ସ).ନାମରେ ନାମିତ ଏହି ରିପୋର୍ଟ, ଏ ଦିଗରେ ନିଆଯାଇଥିବା ପଦକ୍ଷେପର ବିବରଣୀ ସହ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ସଂସଦରେ ଆଗତ କରାଯିବ। ଗତ ବର୍ଷ ନଭେମ୍ବରରେ ଚଳିତ ଆର୍ଥିକ ବର୍ଷ ପାଇଁ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦାଖଲ କରିବା ପରେ ଏହା ହେଉଛି



ପଞ୍ଚଦଶ ଅର୍ଥ କମିଶନଙ୍କର ଦ୍ୱିତୀୟ ରିପୋର୍ଟ, ଯାହାର ସୁପାରିସ୍ ଗୁଡ଼ିକ ସରକାର ଗ୍ରହଣ କରିଛନ୍ତି। ୨୦୨୦-୨୧ ପାଇଁ କମିଶନ ତାଙ୍କର ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରେ ରାଜ୍ୟ ଗୁଡ଼ିକୁଁ ୪୨% ଅଂଶଧନ ବଜାୟ ରଖିବାର ପରାମର୍ଶ ଦେଇଛନ୍ତି, ଯଦିଓ ଚତୁର୍ଦ୍ଦଶ ଅର୍ଥ କମିଶନ ରାଜ୍ୟ ଗୁଡ଼ିକ ସହ ୪୧% ଓ ଜାମ୍ମୁ ,କାଶ୍ମୀର ଓ ଲଦାଖ ସହ ୧% ଅଂଶଧନ ବଜାୟ ରଖିବାର ପରାମର୍ଶ ଦେଇଥିଲେ। ଆସନ୍ତା ୫ ବର୍ଷ ପାଇଁ ପଞ୍ଚଦଶ ଅର୍ଥ କମିଶନ ଦେଇଥିବା ପରାମର୍ଶ ତଥା ଟିକସ ବିନିଯୋଗର ସବିଶେଶଷ ତଥ୍ୟ ବିଷୟରେ କମିଶନ ନିଜର ଆଭିମୂଖ୍ୟ କଣ ରଖିଛନ୍ତି,ସଂସଦରେ ରିପୋର୍ଟ ଆଗତ ହେଲା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ବିଶ୍ୱ ମହାମାରୀ ଓ ଲକ୍ ଡ଼ାଉନ ଯୋଗୁଁ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଟିକସ ସଂଗ୍ରହରେ ଅଭାବ ପରିଲକ୍ଷିତ ହେଉଥିବା ବେଳେ ପଞ୍ଚଦଶ ଅର୍ଥ କମିଶନଙ୍କ ମୂଳ ଲକ୍ଷ୍ୟ‘କର’ରେ ସୁଧାର ଓ କେନ୍ଦ୍ର ତଥା ରାଜ୍ୟ ମଧ୍ୟରେ ଟ୍ୟାକ୍ସ ବଣ୍ଟନ କରିବାର ସରଳ ଉପାୟ ବାହାର କରିବା,ଯାହାକି କମିଶନଙ୍କ ପକ୍ଷରେ କଠିନ କାର୍ଯ୍ୟ ଭାବରେ ଉଭା ହୋଇଛି। କମିଶନ ବିଭିନ୍ନ ପର୍ଯ୍ୟାୟରେ କେନ୍ଦ୍ର, ରାଜ୍ୟ, ପରାମର୍ଶଦାତା କମିଟି, ପୂର୍ବତନ ଅର୍ଥ କମିଶନର ସଦସ୍ୟ, ତଥା ବିଶେଷଜ୍ଞ ମାନଙ୍କ ସହ ଅପ୍ରେଲ ମାସ ପରଠାରୁ ଆଲୋଚନା ଜାରି ରଖିଥିଲେ। ବିଶ୍ୱ ମହାମାରୀ ପରେ ପରେ ଅର୍ଥନୀତି ଉପରେ ଥିବା ପୂରୁଣା ଧାରଣା ଉପରେ ଆଲୋଚନା କରିବା ବାଧ୍ୟତାମୂଳକ ଥିଲା। ପାରମ୍ପରିକ ସୁଧାର ତଥା ପରାମର୍ଶ ବ୍ୟତୀତ କମିଶନ ଆସନ୍ତା ୫ ବର୍ଷ ମଧ୍ୟରେ କେନ୍ଦ୍ରପାଇଁ ଆର୍ଥିକ ଏକକୀକରଣର ରାସ୍ତା ପ୍ରସ୍ତୁତ କରିବାକୁ ଏବଂ ପରୀକ୍ଷା ନିରୀକ୍ଷା ସହ ରାଜ୍ୟଗୁଡ଼ିକୁ ନୀତି ସଂସ୍କାର ଜନିତ ଅନୁଦାନ ଦେବାକୁ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ପ୍ରତିରକ୍ଷା ତଥା ଦେଶର ଆଭ୍ୟନ୍ତରୀଣ ନିରାପତ୍ତା କ୍ଷେତ୍ରରେ ଅନୁଦାନର ସୁବିନିଯୋଗ ତଥା ସଠିକ ଆବଣ୍ଟନ ଉପରେ କମିଶନ ଗୁରୁତ୍ୱ ଆରୋପ କରିଛନ୍ତି। ଅଧ୍ୟକ୍ଷ ଏନ.କେ. ସିଂଙ୍କ ବ୍ୟତୀତ ପୂର୍ବତନ ବିତ୍ତ ସଚିବ ଏ.ଏନ. ଝା,ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଅଶୋକ ଲାହିରି,ନୀତି ଆୟୋଗର ସଦସ୍ୟ ରମେଶ ଚାନ୍ଦ ମଧ୍ୟ ରିପୋର୍ଟ ଉପସ୍ଥାପନ ବେଳେ ଉପସ୍ଥିତ ଥିଲେ।

## ଏପ୍ରିଲ ସୁଦ୍ଧା ଲୋକଙ୍କୁ ମିଳିବ କରୋନା ଟିକା

**ନୂଆଦିଲ୍ଲୀ :** ଆସନ୍ତାବର୍ଷ ଏପ୍ରିଲ ସୁଦ୍ଧା ସାଧାରଣ ଲୋକଙ୍କୁ ଅକ୍ସଫୋର୍ଡ କୋଭିଡ୍-୧୯ ଟିକା ମିଳିପାରିବ ବୋଲି ଟିକା ପ୍ରସ୍ତୁତକାରୀ ସିରମ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ଆଦାର ପୁନାୱାଲା ଏଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅବଶ୍ୟ ୨୦୨୧ ଫେବୃୟାରୀ ସୁଦ୍ଧା ସ୍ୱାସ୍ଥ୍ୟକର୍ମୀ ଓ ବୟସ୍କଙ୍କୁ ଏହି ଟିକା ମିଳିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ସାଧାରଣ ଲୋକଙ୍କ ପାଇଁ ଉକ୍ତ ଟିକାର ଦୁଇଟି ଡୋଜ୍ ୧୦୦୦ ଟଙ୍କାରେ ଉପଲବ୍ଧ ହେବ ବୋଲି ସେ ଜଣାଇଛନ୍ତି। ଅବଶ୍ୟ ଉକ୍ତ ଟିକାର ଚୂଡାନ୍ତ ମାନବ ପରୀକ୍ଷଣ ପରେ ଓ କ୍ଷମତାପ୍ରାପ୍ତ ସଂଗଠନ ପକ୍ଷରୁ ସ୍ୱୀକୃତି ମିଳିବା ପରେ ହିଁ ଟିକା ବିକ୍ରି ଆରମ୍ଭ ହେବ ବୋଲି ସେ କହିଛନ୍ତି। ତାଙ୍କ ମତରେ ୨୦୨୪ ସୁଦ୍ଧା ଦେଶର ପ୍ରତ୍ୟେକ ନାଗରିକ ଏହି ଟିକା ପାଇପାରିବେ। ଆବଶ୍ୟକ ସଂଖ୍ୟକ ଟିକାର ପ୍ରସ୍ତୁତି ଓ ଯୋଗାଣ, ଏଥିପାଇଁ ଥିବା ବ୍ୟୟବରାଦ, ଲଜିଷ୍ଟିକ୍ ସପୋର୍ଟ, ଭିତ୍ତିଭୂମି ଉପରେ ଏହି ଯୋଜନାର ସଫଳତା ଅନେକାଂଶରେ ନିର୍ଭର କରୁଥିବା ସେ କହିଛନ୍ତି।

# ଲଦାଖରେ ସେନା ପାଇଁ ଅତ୍ୟାଧୁନିକ କୋଠରୀ ନିର୍ମାଣ

**ନୂଆଦିଲ୍ଲୀ :** ଦେଶର ସୁରକ୍ଷାରେ ନିୟୋଜିତ ଯବାନଙ୍କୁ ହାଡଭଙ୍ଗା ଥଣ୍ଡାରୁ ସୁରକ୍ଷା ଦେବା ପାଇଁ ଭାରତୀୟ ସେନା ବଡ ପଦକ୍ଷେପ ଗ୍ରହଣ କରିଛି। ପୂର୍ବ ଲଦାଖରେ ମୁତୟନ ହୋଇଥିବା ଯବାନଙ୍କ ପାଇଁ ସେନା ପକ୍ଷରୁ ନିର୍ମାଣ ଚାଲିଥିବା ଅତ୍ୟାଧୁନିକ ବିଲଡିଂର ନିର୍ମାଣ କାମ ଶେଷ ହୋଇଛି। ଏହି ବିଲଡିଂ ଅସହ୍ୟ ଥଣ୍ଡାରେ ଯବାନମାନଙ୍କ ସୁରକ୍ଷା କବଚ ସାଜିବ। ନଭେମ୍ବର ମାସ ପରେ ଏଠାରେ ପ୍ରତିବର୍ଷ ୪୦ ଫୁଟ ବରଫପାତ ହୋଇଥାଏ। ସେହିପରି ତାପମାତ୍ରା ମାଇନସ୍ ୩୦ ରୁ ୪୦ ଡିଗ୍ରୀ ସେଲସିୟସ ହୋଇଯାଇଥାଏ। ତଥାପି ଯବାନମାନେ ଅସହ୍ୟ ଜାଡରେ ଦେଶର ସେବା କରି ଚାଲନ୍ତି। କିନ୍ତୁ ଚଳିତ ବର୍ଷ ଭାରତୀୟ ସେନା ନିର୍ମାଣ କରିଥିବା ଅତ୍ୟାଧୁନିକ କୋଠରୀ ଯବାନଙ୍କୁ





ମାଇନସ୍ ୪୦ ଡିଗ୍ରୀ ତାପମାତ୍ରାରୁ ସୁରକ୍ଷା ଦେବ। ପୂର୍ବ ଲଦାଖରେ ଯବାନମାନେ ଚୀନ୍ ଯବାନଙ୍କ ସମସ୍ତ ପ୍ରକାରର ହରକତ ଉପରେ ନଜର ରଖି ଏହାକୁ ପଣ୍ଡ କରିବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ଆଗକୁ ଅଧିକ ଥଣ୍ଡା ପଡିବାକୁ ଥିବାରୁ ଯବାନଙ୍କ ପାଇଁ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଏହି ଅତ୍ୟାଧୁନିକ କୋଠରୀ ତିଆରି କରିଛି। ଏହି କୋଠରୀରେ ଉପଯୁକ୍ତ ଉତ୍ତାପ, ପାଣି, ବିଜୁଳି ଓ ସମସ୍ତ ପ୍ରକାରର ଖାଦ୍ୟପେୟ ପାଇଁ ବ୍ୟବସ୍ଥା ରହିଛି। ଭାରତୀୟ ସେନା ପକ୍ଷରୁ କୁହାଯାଇଛି ଯେ, ଥଣ୍ଡା ସମୟରେ ସୀମାରେ କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଏହା ଯବାନମାନଙ୍କୁ ଅଧିକ ସହାୟକ ହେବ। ଲଦାଖ ସେକ୍ଟରରେ ମୁତୟନ ସମସ୍ତ ଯବାନଙ୍କ ପାଇଁ ଭାରତୀୟ ସେନା ନୂଆ କୋଠରୀ ନିର୍ମାଣ କରିଛି। ଏଥିସହ ଟେଣ୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଏହି ବିଲଡିଂରେ ସମସ୍ତ ପ୍ରକାରର ବ୍ୟବସ୍ଥା ରହିଛି। କେବଳ ଯବାନମାନଙ୍କ ପାଇଁ ନୁହେଁ, ତୁଷାରପାତ ଓ ଥଣ୍ଡା ପବନରୁ ଅସ୍ତ୍ରଶସ୍ତ୍ର ଗୁଡିକୁ ସୁରକ୍ଷା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ଟେଣ୍ଟ ତିଆରି କରାଯାଇଛି। ସେହିପରି ଜରୁରୀକାଳୀନ ସ୍ଥିତି ସମୟରେ ଯବାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଭିତ୍ତିଭୂମି ମଧ୍ୟ ନିର୍ମାଣ କରାଯାଇଛି। ବର୍ତ୍ତମାନ ଏଲଏସିରେ ଚୀନ୍ ସହ ତିକ୍ତତା ଲାଗିରହିଛି। ଏଭଳି ସ୍ଥିତିରେ ନୂଆ ବିଲଡିଂ ନିର୍ମାଣ କରାଯାଇଥିବାରୁ ସେଠାରେ ଅଧିକ ସଂଖ୍ୟକ ଯବାନଙ୍କୁ ମଧ୍ୟ ମୁତୟନ କରାଯାଇପାରେ।

# ଜବରଦଖଲରେ ସରକାରୀ ଜମି ନୀରବ ଦ୍ରଷ୍ଟା ସାଜିଛି ପ୍ରଶାସନ

**ଭଦ୍ରକ :** ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ସରକାରୀ ଜମି ଜବର ଦଖଲରେ ଥିଲେ ସୁଦ୍ଧା ସେମାନେ ନୀରବ ଦ୍ରଷ୍ଟା ସାଜୁଥିବା ଯୋଗୁଁ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା କୋର୍ଟରେ ହୋଇଥିବା ମାମଲାରୁ ଜଣାପଡ଼ିଛି । ସୂଚନା ଅନୁଯାୟୀ; ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଂଚାୟତ ଅନ୍ତର୍ଗତ ବିଶଲକଣା ଗ୍ରାମରେ ସରକାରୀ ଜମିରୁ ଜବର ଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ଉକ୍ତ ଗ୍ରାମର ଗ୍ରାମବାସୀ ଭଦ୍ରକ ସବ୍-ଡ଼ିଭିଜିନାଲ ମାଜିଷ୍ଟ୍ରେଟଙ୍କ କୋର୍ଟର ଦ୍ୱାରସ୍ଥ ହୋଇ ଏକ ମିସ୍‌କେସ୍ ୨୯୨୬/୨୦ଦାୟର କରିଥିବା ଜଣାପଡ଼ିଛି । ସେମାନଙ୍କ ଅଭିଯୋଗ ଅନୁଯାୟୀ; ବିଶଲକଣା ମୌଜା ଖାତା ନଂ ୫୭୬ରେ ୧୪୩ଟି ପ୍ଲଟ ଥିବା ବେଳେ ୫୯ଏକର୫୯୦ଡ଼ିସିମିଲ ଜାଗା ଉପଲବ୍ଧ ଅଛି । ୧୪୩ଟି ପ୍ଲଟରୁ ବିଭିନ୍ନ କିସମର ଜମି ଉପଲବ୍ଧ ଥିବାବେଳେ ବର୍ତ୍ତମାନ ପ୍ରାୟ ସମସ୍ତ ଜମି ଜବର ଦଖଲ କାରିଙ୍କ କବ୍‌ଜାରେ ଅଛି । ଗ୍ରାମର ସମସ୍ତ ଗ୍ରାମବାସୀ ଓ ରାଜସ୍ୱ ନିରୀକ୍ଷକ ଏହା ଜାଣିଥିଲେ ସୁଦ୍ଧା କୌଣସି ଗଣ୍ଡଗୋଳ କୁ ଆଖିଆଗରେ ରଖି ଏହାର ପ୍ରତିବାଦ ନକରିବା ସହ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ମଧ୍ୟ ଆଣୁ ନାହାନ୍ତି । କିଛି ଗ୍ରାମବାସୀଙ୍କ ଦ୍ୱାରା ଜମି ଜବର ଦଖଲରେ ଥିବାରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଶତାଧିକ ପରିବାର ପାଣିଘେରରେ ରହିବା ସହ ବନ୍ୟା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ଗୋଚର ଜମିକୁ ମାଡ଼ି ବସିଥିବାରୁ ଗୋରୁଗାଈ ମାନେ ମଧ୍ୟ ଚରିପାରୁନାହାନ୍ତି । ଗ୍ରାମ୍ୟ ଜଙ୍ଗଲ ଜବର ଦଖଲରେ ଥିବାରୁ ବୃକ୍ଷରୋପନ ମଧ୍ୟ କରାଯାଇପାରୁନାହିଁ କି ସବୁଜଗ୍ରାମ୍ୟ ସୃଷ୍ଟି କରାଯାଇପାରୁନାହିଁ । ଏତତ୍ ବ୍ୟତିତ ୧୪୩ଟି ପ୍ଲଟରୁ ୮୮୯,୮୯୦ ଓ ୮୯୩ ପ୍ଲଟ ଗୁଡ଼ିକ ମହିଳା ସମିତି, ଯୁବକ ସଂଘ ଓ ସ୍କୁଲ ନିମନ୍ତେ ସଂଗ୍ରକ୍ଷିତ ଥିବା ବେଳେ ଏଗୁଡ଼ିକ ଜବର ଦଖଲରେ ଥିବାରୁ ଏହାର ସୁବିଧା ମଧ ଗ୍ରାମବାସୀମାନେ ପାଇପାରୁ ନାହାନ୍ତି । ଏଠାରେ ପ୍ରକାଶ ଥାଉକି କିଛଦିନ ତଳେ ବିଦ୍ୟାଳୟ ନିମନ୍ତେ ସଂଗ୍ରକ୍ଷିତ ଜାଗାକୁ ଚିହ୍ନଟ କରିବାକୁ ଯାଇ ଆକ୍ରୋଷମୂଳକ ଭାବେ ପ୍ରଶାସନିକ ଅଧିକାରୀ ଜନୈକ ବ୍ୟକ୍ତିଙ୍କ ପୋଡ଼ିଯାଇଥିବା ଘରକୁ ବାଦାନୁବାଦ ଭିତରେ ଉଚ୍ଛେଦ କରିଥିଲେ । ଯେଉଁ ଗୃହକି ଯୁବକ ସଂଘ ଜାଗା ଉପରେ ଉର୍ଦ୍ଦିଷ୍ଟ ଥିବାର ଉକ୍ତ ବ୍ୟକ୍ତି ଦାବି କରିବା ସହ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଯଦି ପ୍ରଶାସନିକ ଅଧିକାରୀ ଜବରଦଖଲରେ ଥିବା ସରକାରୀ ଜଗିକୁ ନିଜ ଅକ୍ତିଆରକୁ ଆଣିବାକୁ ଚେଷ୍ଟା କରୁଛନ୍ତି ତେବେ ସମସ୍ତଙ୍କ ପାଇଁ ସମାନ ନିୟମ ଲାଗୁ କରାଯାଉ ବୋଲି ବହୁ ଗ୍ରାମବାସୀ ସେତେବେଳେ ଦାବି ମଧ କରିଥିଲେ । ଏହି ସବୁ କାରଣରୁ ବହୁ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀମାନେ ନୀରବ ଦ୍ରଷ୍ଟା ସାଜିଥିବାରୁ ସରକାରୀ ଯୋଜନାର ସୁଫଳ ରୂପାୟନ ମଧ ହୋଇପାରୁ ନାହିଁ । ଏହିସବୁକୁ ନେଇ ଗ୍ରାମବାସୀମାନେ କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟ ତାଙ୍କ ଅଭିଯୋଗକୁ ବିଚାରକୁ ନେଇ ତହସିଲଦାର ବନ୍ତ ଓ ଆଗରପଡ଼ା ଥାନାଧିକାରୀଙ୍କୁ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାର ସବିଶେଷ ତଥ୍ୟ ଏସଡ଼ିଏମ ଭଦ୍ରକଙ୍କ ଠାରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ‘ଜାମ୍ମୁ ଓ କାଶ୍ମୀରରେ ବିଚ୍ଛିନ୍ନତାବାଦୀଙ୍କୁ ପ୍ରୋତ୍ସାହିତ କରୁଛି କଂଗ୍ରେସ’

**ଭୁବନେଶ୍ୱର :** ଧାରା ୩୭୦ ଏବଂ ୩୫(କ) ଭାରତୀୟ ସମ୍ବିଧାନର ଅସ୍ଥାୟୀ ଅଙ୍ଗ ଥିଲା । ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ବିସ୍ତୃତ ଆଲୋଚନା କରାଯାଇ ଗତ ବର୍ଷ ଅଗଷ୍ଟ ୫ ତାରିଖ ଦିନ ଏହି ଦୁଇଟି ଧାରାକୁ ଉଚ୍ଛେଦ କରାଗଲା । ଏହା ଦ୍ୱାରା ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖ ପୃଥକ ଭାବେ କେନ୍ଦ୍ରଶାସିତ ରାଜ୍ୟର ମାନ୍ୟତା ପାଇଲା । ଏହା ଭିତରେ ଉଭୟ କେନ୍ଦ୍ରଶାସିତ ରାଜ୍ୟକୁ ପ୍ରଚୁର ପରିମାଣରେ କେନ୍ଦ୍ରୀୟ ଅନୁଦାନ ଓ ସହାୟତା ପ୍ରଦାନ କରାଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି । ମାତ୍ର ନିଜ ହୀନ ସ୍ୱାର୍ଥ ହାସଲ ପାଇଁ କିଛି ରାଷ୍ଟ୍ରବିରୋଧୀ ରାଜନୈତିକ ଦଳ ଏକାଠି ହୋଇ ଦେଶବିରୋଧୀ ଅଭିମୁଖ୍ୟ ଗ୍ରହଣ କରିବା, ଦେଶବିରୋଧୀ ବକ୍ତବ୍ୟ ଦେବା ଆଦି ଅତ୍ୟନ୍ତ ନିନ୍ଦନୀୟ ଓ ଦୁଃଖଦାୟକ । ଅନ୍ୟ ପକ୍ଷରେ ଏହି ରାଷ୍ଟ୍ରବିରୋଧୀ ଦଳମାନଙ୍କ ସହ ଭାରତୀୟ କଂଗ୍ରେସ ଦଳ ସାମିଲ ହେବା ଆହୁରି ଅଧିକ ନିନ୍ଦନୀୟ ଏବଂ ଲଜ୍ଜାଜନକ । ଗୁପକର ଗଠବନ୍ଧନରେ କଂଗ୍ରେସ ଦଳର ଭୁମିକା ବିରାଟ ଦ୍ୱନ୍ଦ ସୃଷ୍ଟି କରିଛି ବୋଲି ରାଷ୍ଟ୍ରୀୟ ମୁଖପାତ୍ର ତଥା ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ଜାମ୍ମୁ ଓ କାଶ୍ମୀରରେ ନ୍ୟାସନାଲ କନଫରେନ୍ସ, ପିଡିପି, ପିପୁଲ୍ସ କନଫରେନ୍ସ, ପିପୁଲ୍ସ ମୁଭମେଂଟ, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟୀ, ପିପୁଲ୍ସ ୟୁନାଇଟେଡ ଫ୍ରଂଟ, ପେନ୍ଥର୍ସ ପାର୍ଟୀ ଏବଂ ଜମ୍ମୁ କାଶ୍ମୀର ଆବାମୀ ନ୍ୟାସନାଲ କନଫରେନ୍ସ ଭଳି ୮ଟି ରାଜନୈତିକ ଦଳ ଏକାଠି ହୋଇ ଗତ ଅଗଷ୍ଟ ମାସରେ ଗୁପକର ଗଠବନ୍ଧନ ଗଠନ କରି ଧାରା ୩୭୦ ଏବଂ ୩୫(କ)କୁ ପୁନଃସ୍ଥାପିତ କରିବାର ଘୋଷଣା କଲେ । ଜାମ୍ମୁ



ଓକାଶ୍ମୀରରେ ଡିଷ୍ଟ୍ରକ୍ଟ ଡେଭେଲପମେଂଟ କାଉନସିଲ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । କଂଗ୍ରେସ ଦଳ ଗୁପକାର ଗଠବନ୍ଧନ ସହ ମେଂଟ କରି ପ୍ରଥମ ଦୁଇଟି ନିର୍ବାଚନ ପାଇଁ ୩ଟି ପ୍ରାର୍ଥୀ ଅବତୀର୍ଣ୍ଣ କରିଛି । କଂଗ୍ରେସ ଦଳ ଗୁପକାର ଗଠବନ୍ଧନର ଅଭିନ୍ନ ଅଙ୍ଗ ହୋଇ ରାଷ୍ଟ୍ରବିରୋଧୀ ତତ୍ୱମାନଙ୍କ ସହ ହାତ ମିଳାଇବା ସହ ତାଙ୍କ ହୀନ ଉଦ୍ଦେଶ୍ୟକୁ ସମର୍ଥନ ଜଣାଇଛି । ଦିଲ୍ଲୀରେ ନିଜକୁ ଜାତୀୟ ଦଳ ବୋଲି କହୁଥିବା କଂଗ୍ରେସ ଦଳ ଜାମ୍ମୁ ଓ କାଶ୍ମୀରରେ ରାଷ୍ଟ୍ରବିରୋଧୀ ଦଳ ସାଜି ବିଚ୍ଛିନ୍ନତାବାଦୀଙ୍କୁ ପ୍ରୋତ୍ସାହିତ କରୁଛି ବୋଲି ଶ୍ରୀମତୀ ଷଡଙ୍ଗୀ ଅଭିଯୋଗ କରି କହିଛନ୍ତି । କଂଗ୍ରେସ ଦଳ ଆଜି ନିଜ ସ୍ଥିତି ହରାଇ ବସିଛି । ଗୁପକର ଗଠବନ୍ଧନ ସହ ସାମିଲ ହୋଇ କଂଗ୍ରେସ ଦଳ ବର୍ତମାନ ଚୀନ ଏବଂ ପାକିସ୍ଥାନରେ ନିଜ ସ୍ଥିତିକୁ ଜାହିର କରିବାର ପ୍ରୟାସ ଆରମ୍ଭ କରିଦେଇଛି । ଧାରା ୩୭୦ ଏବଂ ୩୫(କ)କୁ ପୁନଃସ୍ଥାପିତ କରିବା ପାଇଁ ଚୀନର ସାହାଯ୍ୟ ନେବୁ ବୋଲି ନ୍ୟାସନାଲ କନଫରେନ୍ସ ନେତା ଫାରୁକ ଅବଦୁଲ୍ଲା କହୁଥିବାବେଳେ ଅନ୍ୟ ପଟେ ଭାରତୀୟ ପତକା ଉଡାଇବାକୁ ଦେବୁ ନାହିଁ ବୋଲି ରାଷ୍ଟ୍ରବିରୋଧୀ ବକ୍ତବ୍ୟ ପିଡିପି ନେତା ମୁଫ୍‌ତି ମହମ୍ମଦ ଖୋଲାଖୋଲି କହିଛନ୍ତି । ଗତ କାଲି ଜାମ୍ମୁ ଓ କାଶ୍ମୀରରେ ନିପାତ ହୋଇଥିବା ଆତଙ୍କବାଦୀଙ୍କଠାରୁ ମିଳିଥିବା ଅସ୍ତ୍ରଶସ୍ତ୍ର ଚାଇନା ନିର୍ମିତ ବୋଲି ଲେଖାହୋଇଛି । କଂଗ୍ରେସ ଦଳ ଏହି ଗଠବନ୍ଧନରେ ସାମିଲ ହୋଇ ନିଜକୁ ରାଷ୍ଟ୍ରବିରୋଧୀ ବୋଲି ପ୍ରମାଣିତ କରିସାରିଛି ବୋଲି ଶ୍ରୀମତୀ ଷଡଙ୍ଗୀ ଅଭିଯୋଗ କରିଛନ୍ତି । ଦେଶର ସମ୍ବିଧାନ ବିରୁଦ୍ଧରେ ଯାଇ ପି.ଚିଦାମ୍ବରମ, ଗୁଲାମ ନବୀ ଆଜାଦ ପ୍ରମୁଖଙ୍କ ଭଳି କଂଗ୍ରେସ ଦଳର ବରିଷ୍ଠ ନେତା ଧାରା ୩୭୦ ଏବଂ ୩୫(କ)କୁ ପୁନଃସ୍ଥାପିତ କରିବା ପାଇଁ ଘୋଷଣା ପାଇଁ ଆହ୍ୱାନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି । ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସର ନାରା ଦେଇ ବିକାଶର କାର୍ଯ୍ୟ କରୁଥିବା ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରି ରାଷ୍ଟ୍ରବିରୋଧୀ ତତ୍ୱମାନଙ୍କ ସହ ହାତ ମିଳାଇ କଂଗ୍ରେସ ଦଳ ବିଚ୍ଛିନ୍ନତାବାଦୀଙ୍କୁ ପ୍ରତ୍ୟକ୍ଷ ପ୍ରୋତ୍ସାହିତ କରୁଛି ବୋଲି ଶ୍ରୀମତୀ ଷଡଙ୍ଗୀ ଅଭିଯୋଗ କରିଛନ୍ତି ।

# ଖୁବଶୀଘ୍ର ନିଯୁକ୍ତ ହେବେ ୬ ବିଶ୍ୱବିଦ୍ୟାଳୟ କୁଳପତି

**ଭୁବନେଶ୍ୱର :** ରାଜ୍ୟରେ ଥିବା ୬ଟି ବିଶ୍ୱବିଦ୍ୟାଳୟରେ ଖୁବଶୀଘ୍ର ନୂଆ କୁଳପତିଙ୍କୁ ନିଯୁକ୍ତ କରାଯିବ । ଆସନ୍ତା ଡିସେମ୍ବର ଶେଷ ସପ୍ତାହ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ନିଯୁକ୍ତି ଦିଆଯିବ । ଏହି ୬ଟି ବିଶ୍ୱବିଦ୍ୟାଳୟ ଲାଗି ଆବେଦନକରିଥିବା ପ୍ରାର୍ଥୀଙ୍କ ଦକ୍ଷତା ସର୍ଚ୍ଚ କମିଟି ପକ୍ଷରୁ ଯାଞ୍ଚ କରାଯାଇଛି । ପ୍ରତି ବିଶ୍ୱବିଦ୍ୟାଳୟ ଲାଗି ୩ ଜଣ ଲେଖାଏଁ ଦକ୍ଷ ପ୍ରାର୍ଥୀଙ୍କୁ ଯାଞ୍ଚ କମିଟି ପକ୍ଷରୁ ମନୋନୀତ କରାଯାଇଥିବା ବେଳେ ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଇ ରାଜ୍ୟପାଳଙ୍କ ବିଚାର ପାଇଁ ପଠାଇଛନ୍ତି । ରାଜ୍ୟରେ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ସଂଖ୍ୟା ୨୬ ରହିଛି । ଏଥିମଧ୍ୟରୁ ପ୍ରାୟ ୧୨ଟି ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ବିଭାଗର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିଛି । ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୬ଟିର କୁଳପତିମାନଙ୍କ କାର୍ଯ୍ୟକାଳ ପ୍ରାୟ ୮ ମାସ ପୂର୍ବରୁ ଶେଷ ହୋଇସାରିଛି । ତେବେ କରୋନା ଲାଗି ପ୍ରକ୍ରିୟା ବନ୍ଦ ହୋଇଥିବା ବେଳେ ପୂର୍ବରୁ କାର୍ଯ୍ୟରତ କୁଳପତିଙ୍କୁ ନୂଆ କୁଳପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଦ୍ମଜା ମିଶ୍ର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଅମରେନ୍ଦ୍ର ନାରାୟଣ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଅତନୁ କୁମାର ପତି, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ କୁମାର ଚାନ୍ଦଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ନୂଆ କୁଳପତି ନିଯୁକ୍ତି ପାଇନଥିବାରୁ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । ଏହାମଧ୍ୟରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଆଇନ୍‌ରେ ସଂଶୋଧନ ଆଣି କୁଳପତି ଓ ଶିକ୍ଷକମାନଙ୍କ ନିଯୁକ୍ତି ନିୟମରେ ପରିବର୍ତ୍ତନ କରିଛନ୍ତି । ଏନେଇ ଏହି ୬ଟି ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଲାଗି ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ଯୋଗ୍ୟ ବ୍ୟକ୍ତିମାନଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯାଇଥିଲା । ରାଜ୍ୟ ସରକାର ୬ ଜଣ ଅବସରପ୍ରାପ୍ତ ଆଇଏଏସ୍‌ଙ୍କ ଅଧ୍ୟକ୍ଷତାରେ ୬ଟି ସର୍ଚ୍ଚ କମିଟି ଗଠନ କରିଥିଲେ । ଏଥିରେ ସଦସ୍ୟ ଭାବେ ଶିକ୍ଷାବିତ୍‌ମାନଙ୍କୁ ରଖାଯାଇଥିଲା । ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନଙ୍କୁ ସର୍ଚ୍ଚ କମିଟି ସାକ୍ଷାତକାର ପାଇଁ ଡାକି ପ୍ରତି ବିଶ୍ୱବିଦ୍ୟାଳୟ ଲାଗି ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ପ୍ୟାନେଲ୍ ପ୍ରସ୍ତୁତ କରିଥିଲେ । ବ୍ୟବସ୍ଥା ଅନୁଯାୟୀ ଉଚ୍ଚଶିକ୍ଷା ବିଭାଗ ଏହି ପ୍ୟାନେଲ୍‌କୁ ରାଜ୍ୟପାଳଙ୍କ ନିକଟକୁ ପଠାଇଛନ୍ତି । ପ୍ୟାନେଲରେ ଯେଉଁମାନଙ୍କ ନାମ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଲାଗି ରହିଛି ସେମାନଙ୍କୁ ରାଜ୍ୟପାଳ ସାକ୍ଷାତକାର ପାଇଁ ଡାକିବେ ଏବଂ ଏମାନଙ୍କ ମଧ୍ୟରୁ ଯାହାଙ୍କୁ ରାଜ୍ୟପାଳ ବାଛିବେ ସେମାନଙ୍କୁ କୁଳପତି ଭାବେ ନିଯୁକ୍ତି ଦିଆଯିବ । ସର୍ଚ୍ଚ କମିଟିଗୁଡ଼ିକର ସଦସ୍ୟ ଭାବେ ରାଜ୍ୟ ବାହାରର ଯେଉଁ ବିଶେଷଜ୍ଞମାନଙ୍କୁ ସଦସ୍ୟ ଭାବେ ନିଆଯାଇଥିଲା ସେମାନଙ୍କ ମଧ୍ୟରୁ କେତେକ କରୋନା କଟକଣା ଯୋଗୁ ପ୍ରାର୍ଥୀ ଚୟନ ଲାଗି ଅନୁଷ୍ଠିତ କମିଟି ବୈଠକକୁ ଆସିପାରିନଥିଲେ । ଏମିତିକି ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ଆଉ କେତେକ ଆଶାୟୀ ପ୍ରାର୍ଥୀ ବି ସର୍ଚ୍ଚ କମିଟି ନିକଟରେ କରୋନା ପରିପ୍ରେକ୍ଷୀରେ ଉପସ୍ଥିତ ହୋଇନଥିଲେ । ଅପରପକ୍ଷେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ କରୋନାରେ ଆକ୍ରାନ୍ତ ହେବା ପରେ ଚିକିତ୍ସିତ ହୋଇଛନ୍ତି । ତେବେ ନିଯୁକ୍ତି ପ୍ରକ୍ରିୟା ଡିସେମ୍ବର ଶେଷ ସୁଦ୍ଧା ଶେଷ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ହାଜତ ମୃତ୍ୟୁ ଓଡିଶା ପୋଲିସର ଅମାନବୀୟତା ଓ ବର୍ବରତାର ଅସଲ ମୁଖା ଖୋଲିଛି: ବିଜେପି



**ଭୁବନେଶ୍ୱର :** ଗତ କାଲି ପୁରୀରେ କେ. ରମେଶ୍ ୩୦ବର୍ଷ ବୟସର ଜଣେ ଯୁବକର ପୋଲିସ ହେପାଜତରେ ମୃତ୍ୟୁ ହୋଇଛି । ତାହାପରେ ତାଙ୍କୁ ଅମାନବୀୟ ଭାବରେ ତାଙ୍କ ଘର ଲୋକଙ୍କୁ ନଜଣାଇ ପୋଲିସ୍ ସ୍ୱର୍ଗଦ୍ୱାରଠାରେ ଶବ ଦାହ କରିଦେବା ଅତ୍ୟନ୍ତ ଅମାନବୀୟ । ଏପରିକି ପୋଲିସ୍ ତାଙ୍କ ଘର ଲୋକଙ୍କୁ ଉଠାଇ ନେଇ କେଉଁଠି କେଉଁ ଦୋଷରେ କେଉଁ ଥାନାରେ ରଖିଛି କେହି ଜାଣିନାହାଁନ୍ତି । ଘର ଲୋକଙ୍କୁ ଶବ ଦେଖିବା ପାଇଁ ଦିଆଗଲା ନାହିଁ । ପୋଲିସ ଏଭଳି ଅମାନବୀୟ ଓ ନିନ୍ଦନୀୟ କାର୍ଯ୍ୟ ବିରୁଦ୍ଧରେ ଦିଲ୍ଲୀଠାରେ ରାଷ୍ଟ୍ରୀୟ ପ୍ରବକ୍ତା ଡା,.ସମ୍ବିତ ପାତ୍ର ଜାତୀୟ ମାନବାଧିକାର କମିଶନଙ୍କୁ ଏବଂ ଭୁବନେଶ୍ୱରଠାରେ ବିଧାୟକମାନେ ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ ଜଣାଇଛନ୍ତି । ହାଜତ ମୃତ୍ୟୁ ଓଡିଶା ପୋଲିସର ଅମାନବୀୟତା ଓ ବର୍ବରତାର ଅସଲ ମୁଖା ଖୋଲି ଦେଇଛି । ଜାତୀୟ ମାନବାଧିକାର କମିଶନଙ୍କୁ ଭେଟି ହାଜତ ମୃତ୍ୟୁ ଘଟଣା ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛୁ । କମିଶନ ଆମର ପୁରା ବିଷୟକୁ ଶୁଣିବା ପରେ ଦୁଃଖ ପ୍ରକାଶ କରିବା ସହ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିବାର ଡା.ପାତ୍ର ସୁଚନା ଦେଇ କହିଛନ୍ତି । ସେହିପରି ବିଧାୟକ ଜୟନ୍ତ ଷଡଙ୍ଗୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁକାନ୍ତ ନାୟକ, ଡା.ମୁକେଶ ମହାଲିଙ୍ଗ ଏବଂ ଆଜି ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ଏକ ନିରପେକ୍ଷ କମିଟି ଜରିଆରେ ଏହି ଅମାନବୀୟ ଘଟଣାର ନିରପେକ୍ଷ ତଦନ୍ତ କରାଇ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି ।

# ସ୍ୱାଭିମାନ ଅଞ୍ଚଳ ମୋ ହୃଦୟରେ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ ପ୍ଲାଟଫର୍ମରେ ସ୍ୱାଭିମାନ ଅଞ୍ଚଳର ଜନସାଧାରଣଙ୍କ ପାଇଁ ସ୍ମାର୍ଟ ଫୋନ୍ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ସ୍ୱାଭିମାନ ଅଞ୍ଚଳ ସବୁବେଳେ ମୋ ହୃଦୟରେ ଅଛି । ଏହାକୁ ରାଜ୍ୟର ଏକ ଆଗୁଆ ଅଞ୍ଚଳ ଭାବରେ ଗଢ଼ିବା ପାଇଁ ମୋର ଉଦ୍ୟମ ଜାରି ରହିବ । ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ସ୍ୱାଭିମାନ ଅଞ୍ଚଳର ସବୁ ପରିବାରକୁ ରାଜ୍ୟ ସରକାର ମାଗଣାରେ ସ୍ମାର୍ଟ ଫୋନ୍ ଯୋଗାଇଦେବେ । ମୋବାଇଲ ଫୋନ ଦ୍ୱାରା ପିଲାଙ୍କ ଅନ୍‌ଲାଇନ୍ ଶିକ୍ଷାରେ ସୁବିଧା ହେବା ସହିତ ସ୍ୱାଭିମାନ ଅଞ୍ଚଳର ଜନସାଧାରଣଙ୍କୁ ଅନ୍ୟ ଅଞ୍ଚଳ ସହିତ ଯୋଡିବାରେ ସହାୟକ ହେବ । ସେହିପରି ସ୍ୱାଭିମାନ ଅଞ୍ଚଳରେ ୪ଟି ମୋବାଇଲ୍ ଟାୱାର ହୋଇଥିବା ବେଳେ ୪-ଜି ସୁବିଧା ସହ ଆଉ ତିନୋଟି ଟାୱାର କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୧୮ ଜୁଲାଇ ମାସରେ ସେ ସ୍ୱାଭିମାନ ଅଞ୍ଚଳକୁ ଯାଇ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ କରିଥିଲେ । ସେତେବେଳେ ସେ ୧୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଥିଲେ । ପରେ ଏହାକୁ ୨୧୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ସେ କହିଥିଲେ । ଏହି ପରିବର୍ଦ୍ଧିତ ପ୍ୟାକେଜରେ ଶିକ୍ଷା ଠାରୁ ଆରମ୍ଭ କରି ଜୀବିକା ସ୍ୱାସ୍ଥ୍ୟ ସେବା, ଯୋଗାଯୋଗ, ବ୍ୟାଙ୍କ ସେବା ଆଦି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି । ଘର, ଜଳସେଚନ, ପିଇବା ପାଣି ବୋଲି ସେ ପ୍ରକାଶ କରିଥିଲେ ଏବଂ ମିଶନ ଶକ୍ତିର ମା’ ମାନଙ୍କ ପାଇଁ ଏକ୍ସପୋଜର ଭିଜିଟ୍ ମଧ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ । ସ୍ୱାଭିମାନ ଅଞ୍ଚଳରେ ଚାଲିଥିବା ବିକାଶ କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସ୍ୱାଭିମାନ ଅଞ୍ଚଳରେ ହଳଦୀ ଚାଷ ପ୍ରତି ଲୋକଙ୍କ ଆଦର ଦେଖି ଏଠାରେ ଅଧିକ ହଳଦୀ ଚାଷ ପାଇଁ ବ୍ୟବସ୍ଥା ସହିତ ପ୍ରୋସେସିଂ ଏବଂ ବଜାର ସୃଷ୍ଟି ପାଇଁ ବ୍ରାଣ୍ଡିଙ୍ଗ୍‌ର ବ୍ୟବସ୍ଥା ମଧ କରାଯାଉଛି । ବିଜୁଳି ସେବା ପାଇଁ ୩୩X୧୧କେଭି ସବ୍‌ଷ୍ଟେସନ କାମ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ୧୧ କେଭି ୩ ଫେଜ୍ ଲାଇନ୍ କନେକ୍ସନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗାଁ ଗାଁରେ କଂକ୍ରିଟ୍ ରାସ୍ତାଠାରୁ ଆରମ୍ଭ କରି ୭୮ କିମି ପିଚୁ ରାସ୍ତା ଓ ୭ଟି ସେତୁ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ ଘୋଷଣା କରିଥିଲେ । ଏହାସହିତ ଭଲ ପିଇବା ପାଣି ପାଇଁ ୨୦ କୋଟି



ଟଙ୍କାରେ ଗୋଟିଏ ବୃହତ ପାଇପ ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି ଏବଂ ୨୫୦ଟି ଟ୍ୟୁବ୍‌ୱେଲ୍ କାମ ଶେଷ ହୋଇଛି ବୋଲି ସେ ପ୍ରକାଶ କରିଥିଲେ । ସ୍ୱାଭିମାନ ଅଞ୍ଚଳରେ ଜଳସେଚନ ପାଇଁ ୩୨ କୋଟି ଟଙ୍କା ଖର୍ଚ୍ଚରେ ୪୩ଟି ଉଠାଜଳସେଚନ ପ୍ରକଳ୍ପ ଏବଂ ୪୧୯ଟି କ୍ଲଷ୍ଟର ଡିପ୍ ବୋରୱେଲ୍ କରାଯିବ ଏବଂ ଏହାଦ୍ୱାରା ୧୭୦୦ ହେକ୍ଟର ଜମିକୁ ପାଣି ମିଳିପାରିବ ସେ କହିଥିଲେ । ସ୍ୱାଭିମାନ ଅଞ୍ଚଳର ୮୨ଟି ଅଙ୍ଗନବାଡି କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର କାମ ଚାଲିଛି ଏବଂ ଖୁବ୍‌ଶୀଘ୍ର ଏହା ଶେଷ ହେବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏଲ୍‌ଡବ୍ଲ୍ୟୁଇ କ୍ୟାଡରମାନଙ୍କୁ ହିଂସା ଛାଡି ମୁଖ୍ୟଧାରାକୁ ଫେରି ଆସିବା ସହିତ ବିକାଶ କାମକୁ ଆଗେଇ ନେବାରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ସ୍ଥିର ଓ ସ୍ୱଚ୍ଛ ଶାସନ ଯୋଗୁ ଓଡ଼ିଶା ଆଜି ବିକାଶ କ୍ଷେତ୍ରରେ ବିଶ୍ୱ ଦରବାରରେ ସୁନାମ କରିଛି । ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳର ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆସିଛି ବୋଲି ସେ କହିଥିଲେ । ନବରଙ୍ଗପୁର ସାଂସଦ ରମେଶଚନ୍ଦ୍ର ମାଝୀ ଏବଂ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମଧ କାର୍ଯ୍ୟକ୍ରମରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସ୍ୱାଭିମାନ ଅଞ୍ଚଳର କିଛି ଜନସାଧାରଣଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ସେମାନେ ସମସ୍ତେ କହିଥିଲେ ଯେ, ଗୁରୁପ୍ରିୟା ସେତୁର ନିର୍ମାଣ ସହିତ ଅଞ୍ଚଳର ବିକାଶ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ନିଷ୍ଠା ଓ ଉଦ୍ୟମ ଯୋଗୁ ସେମାନେ ଆଜି ସବୁପ୍ରକାର ସୁବିଧା ପାଇପାରୁଛନ୍ତି । ଗମନାଗମନର ସୁବିଧା ସହିତ ଘର, ଜମି, ଚାଉଳ, ମୋବଇଲ ସବୁ ସୁବିଧା ସେମାନେ ଆଜି ପାଉଛନ୍ତି । ବାପା ମା ଜନ୍ମଦାତା ହୋଇଥିଲେ ମଧ ମୁଖ୍ୟମନ୍ତ୍ରୀ ସେମାନଙ୍କ କର୍ମଦାତା ବୋଲି ସେମାନେ ମତ ଦେଇଥିଲେ । ଏହି ଅବସରରେ ସ୍ୱାଭିମାନ ଅଞ୍ଚଳ ବିକାଶ ସମ୍ପର୍କିତ ଏକ ଚଳଚ୍ଚିତ୍ର ପଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନ, ଗୃହ ବିଭାଗ ପ୍ରମୁଖ ସଚିବ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସଚିବ, ଭାରତ ଇନ୍‌ଫ୍ରାଟେଲ୍‌ର ରାଜ୍ୟ ମୁଖ୍ୟ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

# ‘ଇ ଏବଂ ପି ସେକ୍ଟରରେ ସଂସ୍କାର ଭାରତକୁ ଉର୍ଜା କ୍ଷେତ୍ରରେ କରିଛି ଆତ୍ମନିର୍ଭର’


**ନୂଆଦିଲ୍ଲୀ/ଭୁବନେଶ୍ୱର :** ନୂଆଦିଲ୍ଲୀ ଠାରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଓପନ୍ ଏକରେଜ୍ ଲାଇସେନ୍ସି ପଲିସି(ଓଏଏଲପି)ର ପଞ୍ଚମ ବିଡ୍ ରାଉଣ୍ଡ ଅଧୀନରେ ପୁରସ୍କାର ପ୍ରାପ୍ତ ୧୧ଟି ତୈଳ ଏବଂ ଗ୍ୟାସ ବ୍ଲକ ପାଇଁ ଚୁକ୍ତିସ୍ୱାକ୍ଷର କରିଛି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନ୍ୱେଷଣ ଏବଂ ଉତ୍ପାଦନ(ଇ ଏବଂ ପି) ସେକ୍ଟରରେ ଭାରତ ସରକାରଙ୍କ କ୍ରମାଗତ ବଜାର ସହଯୋଗୀ ସଂସ୍କାର ଫଳରେ ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ପ୍ରୋତ୍ସାହନ ମିଳିଛି ଏବଂ ଭାରତକୁ ଉର୍ଜା କ୍ଷେତ୍ରରେ ଆତ୍ମନିର୍ଭର କରିଛି । ଆଗାମୀ ଦିନରେ ଟେକ୍ନୋଲୋଜି ଏବଂ ଅନ୍ୟାନ୍ୟ ଉପାୟରେ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବା ତଥା ଦେଶର



ଆମଦାନୀ ନିର୍ଭରତାକୁ ହ୍ରାସ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଏଓଲପିର ପଞ୍ଚମ ରାଉଣ୍ଡ ଅଧୀନରେ ବିଗତ ବର୍ଷ ମାନଙ୍କରେ ବ୍ଲକ ପୁରସ୍କୃତ ହେବା ନୂଆ ଅନ୍ୱେଷଣ ଲାଇସେନ୍ସିଂ ପଲିସି(ଏନଇଏଲପି) ଦିଗରେ ବୃହତ ପଦକ୍ଷେପ । ଏହି ଅବସରରେ ଶ୍ରୀ ପ୍ରଧାନ ଇ ଏବଂ ପି ବ୍ଲକର ବିଡିଂ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ରାଷ୍ଟ୍ରାୟତ ତୈଳ ଉଦ୍ୟୋଗ ଇଣ୍ଡିଆନ ଅଏଲ ଏବଂ ଓଏନଜିସିକୁ ଅଭିନନ୍ଦନ ଜଣାଇଛନ୍ତି । ଏହା ଦ୍ୱାରା ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଅନ୍ୱେଷଣ ପ୍ରକ୍ରିୟା ଏବଂ ଉତ୍ପାଦନରେ ଦ୍ରୁତ ବୃଦ୍ଧି ହେବ । ଓଏଏଲପିରେ ଏନଇଏଲପିର ସମସ୍ତ ନିୟମାବଳିକୁ ପାଳନ କରାଯାଇଛି । ପୂର୍ବରୁ ଅନ୍ୱେଷଣ ଏକ୍ରେଜରେ ୮୦,୦୦୦ ବର୍ଗ କିମି ପରିମିତ କ୍ଷେତ୍ରରେ ଉପଲବ୍ଧ ଥିବାବେଳେ ବର୍ତ୍ତମାନ ଓଏଏଲପି ପଞ୍ଚମ ରାଉଣ୍ଡରେ ପୁରସ୍କୃତ ବ୍ଲକ ଦ୍ୱାରା ଏହା ପାଖାପାଖି ବଢି ୨ ଲକ୍ଷ ୩୭ ହଜାର ବର୍ଗ କିମି ଉପଲବ୍ଧ ହୋଇଛି ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ, ଚଳିତବର୍ଷ ଜାନୁଆରୀ ୧୪ ତାରିଖରେ ଏହି ରାଉଣ୍ଡର ଶୁଭାରମ୍ଭ ହୋଇଥିଲା ଏବଂ କୋଭିଡ୍ ମହାମାରୀ ସତ୍ତ୍ୱେ ବିଡ଼ିଂ ସଫଳତାର ସହ ଜୁନ ୩୦ରେ ସମାପ୍ତ ହୋଇଥିଲା ।

# ୪୬୫ କୋଟିର ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର :** କୋଭିଡ୍ ମହାମାରୀ ଭଳି ସଙ୍କଟଜନକ ପରିସ୍ଥିତିରେ ବି ଓଡ଼ିଶାକୁ ପୁଞ୍ଜି ଆସିବାରେ ଲାଗିଛି । କରୋନା ପରିସ୍ଥିତି ସତ୍ତ୍ୱେ ଫେବ୍ରୁଆରୀ ମାସରୁ ଏପର୍ଯ୍ୟନ୍ତ ରାଜ୍ୟକୁ ପ୍ରାୟ ୧୧୯୨୧୪.୭୨ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି ଓ ଏହାଦ୍ୱାରା ୫୪,୧୩୧ଟି ନୂତନ ନିଯୁକ୍ତି ସୃଷ୍ଟି ହେବ । ଏହି କ୍ରମରେ ଆଜି ୪୬୪.୭୨ କୋଟି ଟଙ୍କାର ୪ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କମିଟିର ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୮୭୩ଟି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ପ୍ରାଧିକରଣ ବୈଠକରେ ୪ ନୂଆ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏଥିମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ମଳିପଡ଼ାଠାରେ ଫାଇବର ବୋର୍ଡ କାରଖାନା କରିବା ନିମନ୍ତେ ଗାଲାକ୍ସ ଇଣ୍ଡଷ୍ଟ୍ରୀକୁ ଅନୁମତି ମିଳିଛି । ଏହି କାରଖାନାରେ କମ୍ପାନୀ ୯୩ କୋଟି ଟଙ୍କା ନିବେଶ କରି ୩୧୦ଜଣଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବ । ସେହିପରି ଗ୍ଲୋବସ୍ କମ୍ପାନୀ ଦ୍ୱାରା ଖୋର୍ଦ୍ଧା ଓ ନୟାଗଡ଼ରେ ଇଥାନଲ ପ୍ଲାଣ୍ଟ ଓ ୪ ମେଗାୱାଟର ପାୱାର ପ୍ଲାଣ୍ଟ ସ୍ଥାପନ କରାଯିବ । ଏଥିରେ କମ୍ପାନୀ ୧୫୧.୭୨କୋଟି ଟଙ୍କା ନିବେଶ କରିବ ଓ ୩୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ଦେବ । ଅପରପକ୍ଷେ ଏନଭିରୋକେୟାର କମ୍ପାନୀ ସୁନ୍ଦରଗଡ଼ର ଲାଠିକଟାଠାରେ ପେଲେଟ ପ୍ଲାଣ୍ଟ ଓ ସ୍ଲରି ପାଇପଲାଇନ୍ ନିର୍ମାଣ କରିବ ଓ ଏଥିରେ ୧୯୫ଜଣ ନିଯୁକ୍ତି ସୁଯୋଗ ପାଇବେ । କମ୍ପାନୀ ୧୦୦ କୋଟି ଟଙ୍କା ନିବେଶ କରିବ । ଏହି ପ୍ରକଳ୍ପଗୁଡ଼ିକୁ ଉନ୍ନତମାନର ବିଦ୍ୟୁତ ସେବା ଯୋଗାଇ ଦେବାକୁ ଗ୍ରୀଡକୋ ପ୍ରତିଶ୍ରୁତି ଦେଇଥିବାବେଳେ ଏସବୁ ପ୍ରକଳ୍ପ ନିମନ୍ତେ ଜମି ଓ ଜଳଯୋଗାଣର ବାସ୍ତବ ଆକଳନ ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି । ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ଆଜିର ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆରକେ ଶର୍ମା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଡଃ ମୋନା ଶର୍ମା, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ, ଇଡକୋ ଅଧ୍ୟକ୍ଷ ସଞ୍ଜୟ ସିଂହ, ଇପିକଲ ଏମ୍‌ଡି ଡଃ ନୀତିନ ଭାନୁଦାସ ଜାୱେଲଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ - ୨୯ ନଭେମ୍ବର, ୨୦୨୦

# ଧୀରେ ଧୀରେ ବଦଳୁଛି ସମୟ

ଦିନ ଥିଲା ପିଲାମାନେ ଗୁରୁଜନଙ୍କୁ ଭକ୍ତି କରୁଥିଲେ, ଭୟ କରୁଥିଲେ ଓ ସାମ୍ନାରେ ଠିଆ ହୋଇ କଥାବାର୍ତ୍ତା କରିବାକୁ ବି ସଂକୋଚ କରୁଥିଲେ । ଏମିତି ହେଉଥିଲା ଯେ, ଗୁରୁଜନ ହୁଅନ୍ତୁ କି ପରିବାରର ବଡ ସଦସ୍ୟ ରାସ୍ତାରେ ଠିଆ ହୋଇଥିଲେ ପିଲାମାନେ ସେପଟେ ଡରି ଡରି ଯାଉଥିଲେ । କଥା ମଝିରେ କଥା କହୁନଥିଲେ କି ଯୁକ୍ତି ଦ୍ୱାରା ଗୁରୁଜନଙ୍କୁ ହରାଇଦେବାର ଇଚ୍ଛା ପ୍ରକଟ କରୁନଥିଲେ । ଏପରି ମଧ ହେଉଥିଲା ପିଲାଙ୍କ ଅଧିକ ଦୁଷ୍ଟାମୀ ଦେଖିଲେ ପାଖ ପଡୋଶୀ ବି ତାଗିଦ କରୁଥିଲେ, ସ୍ଥଳ ବିଶେଷରେ ମାଡ ବି ମାରୁଥିଲେ । ଏହା ହୁଏତ କେତେକଙ୍କ ପାଇଁ ଗ୍ରହଣୀୟ ହୋଇନପାରେ, ମାତ୍ର ଅତୀତରେ ଏଭଳି ଚଳଣି ସାମାଜିକ ଶୃଙ୍ଖଳାରେ ବଡ ସହାୟକ ଥିଲା । ଗାଁ ହେଉ କି ସହର ଅପରାଧ ହାର ଖୁବ କମ ଥିଲା, କାଁ ଭାଁ ଗଣ୍ଡଗୋଳ, ଚୋରି ଡକାୟତି ହେଉଥିଲା । ଅଳ୍ପ ଲୋକ ଅଧିକ ଶିକ୍ଷିତ ହୋଇ ଗାଁ ବାହାରେ ଚାକିରି କରୁଥିଲା ବେଳେ ଅଧିକ ଲୋକ ଗାଁରେ ରହି ଚାଷ ତଥା ଅନ୍ୟ ବୃତ୍ତି କରି ପରିବାର ପ୍ରତିପୋଷଣ କରୁଥିଲେ । ସମସ୍ତଙ୍କ ଭିତରେ ସଦ୍ଭାବ ଓ ଭାଇଚାରା ରହିଥିଲା । ହେଲେ ଏବେ ଏ ସବୁ ମିଛ ମନେହୁଏ । କାରଣ ସହର ଓ ଗାଁରେ ଶିକ୍ଷିତଙ୍କ ସଂଖ୍ୟା ବଢ଼ିଛି, ଚଳଣି ଖୁବ୍ ସ୍ୱଚ୍ଛନ୍ଦ ହୋଇଯାଇଛି । ଅନେକ ଦିନୁ ଆଧୁନିକତା ସମସ୍ତଙ୍କୁ ନିଜର କରିସାରିଛି । ଶିକ୍ଷା ଯଦିଓ ମଣିଷକୁ ନୂତନ ଦିଗ୍‌ଦର୍ଶନ ଦେଇପାରିଛି, ତଥାପି ଶୃଙ୍ଖଳିତ ସମାଜ ଗଠନ ପାଇଁ ଯେଉଁ ଶିକ୍ଷାର ଆବଶ୍ୟକତା ରହିଛି ତାହା ବୋଧେ କମ ରହିଯାଉଛି । ଯେଉଁଥିପାଇଁ ମଣିଷ ଅତ୍ୟଧିକ କ୍ରୋଧର ବଶୀଭୂତ ହେଉଛି ଅପଥରେ ଗତିକରି ସମାଜର ଅହିତ ସାଧନ କରିବାକୁ କୁଣ୍ଠାପ୍ରକାଶ କରୁନାହିଁ । ଯାହାଫଳରେ ଦିନକୁଦିନ ଅନ୍ୟାୟ, ଅନୀତି ଓ ହିଂସ୍ରତା ବଢ଼ିବଢ଼ି ଚାଲିଛି । ଏପରିକି କିଛି ଲୋକ ମାନବିକତାକୁ ଭୁଲି ଅନ୍ୟପ୍ରତି ନିଷ୍ଠୁର ବ୍ୟବହାର କରୁଛି । ଯେଉଁଥିପାଇଁ ମଣିଷ ଅତ୍ୟାଧିକ କ୍ରୋଧର ବଶୀଭୂତ ହେଉଛି ଅପଥରେ ଗତିକରି ସମାଜର ଅହିତ ସାଧନ କରିବାକୁ କୁଣ୍ଠାପ୍ରକାଶ କରୁନାହିଁ । ଯାହାଫଳରେ ଦିନକୁ ଦିନ ଅନ୍ୟାୟ, ଅନୀତି ଓ ହିଂସ୍ରତା ବଢ଼ିବଢ଼ି ଚାଲିଛି । ଏପରିକି କିଛି ଲୋକ ମାନବିକତାକୁ ଭୁଲି ଅନ୍ୟପ୍ରତି ନିଷ୍ଠୁର ବ୍ୟବହାର କରୁଛି । ଯେଉଁଥିପାଇଁ ପାରସ୍ପରିକ ବୁଝାମଣାରେ ଅନେକ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଉଛି । ତନ୍ମଧ୍ୟରେ ବସ୍ତୁବାଦର ଆକର୍ଷଣ ମଧ ମଣିଷକୁ ଲୋଭୀ, ଗର୍ବୀ, ଅହଙ୍କାରୀ ଓ ଦୁର୍ନୀତିଗ୍ରସ୍ତ କରିଚାଲିଛି । ଶିକ୍ଷା ଆମକୁ ଚନ୍ଦ୍ର ଓ ମଙ୍ଗଳ ପୃଷ୍ଠରେ ବାସ କରିବାର ଦିଗନ୍ତ ଦେଖାଉଥିଲାବେଳେ ହୀନ ଚରିତ୍ର ଆମକୁ ସମାଜ ବିରୋଧୀ ତତ୍ତ୍ୱ କରିବାରେ ପଛଘୁଞ୍ଚା ଦେଉନାହିଁ । ଏଭଳି ପରିସ୍ଥିତିରେ ଶିକ୍ଷା ଅପେକ୍ଷା ସଂସ୍କାର ବିଶେଷ ଗୁରୁତ୍ୱ ରଖେ । କାରଣ ସମାଜ ଯେଉଁମାନଙ୍କ ଦ୍ୱାରା ସଂସ୍କାରିତ ଓ ସଚେତନ ହେବାକଥା, ସେମାନେ ଯେତେବେଳେ ସମାଜର ଧ୍ୱଂସ ପରିକଳ୍ପନା କରିଚାଲିବେ ସେତେବେଳେ ଆମେ କାହାକୁ ଦୋଷ ଦେବା ! ଦୈନନ୍ଦିନ ଜୀବନ ଯେଉଁ ମାର୍ଗରେ ପରିଚାଳିତ ହେବା କଥା ତାହା ଯଦି ତ୍ରୁଟିପୂର୍ଣ୍ଣ ହୁଏ ଆମେ ନିଜକୁ କେଉଁ ବିକାଶ ପଥର ଯାତ୍ରୀ ବୋଲି କହିପାରିବା ?

ସମ୍ପାଦକୀୟ

ତାରକ ମହାନ୍ତି



ଅନେକ ସମୟରେ ଦେଖାଯାଉଛି ଶିକ୍ଷିତ ପରିବାର ମଧ୍ୟରେ ପାରିବାରିକ ହିଂସା, ଭାତୃ ବିବାଦ ଓ ଅସନ୍ତୋଷ ଚରମ ସୀମାକୁ ଅତିକ୍ରମ କରୁଛି । ଯେଉଁଥିପାଇଁ ନାନାଦି ଅପକର୍ମ, ବିବେକହୀନ କାର୍ଯ୍ୟ ବଢ଼ିଚାଲିଛି ।

ସାମାଜିକ ରୀତିନୀତି ଠିକ ଚାଲୁଥିଲେ ବି ଏଥିରେ ଆନ୍ତରିକତା ଅପେକ୍ଷା ଅଧିକ ଦେଖେଇହେବାର ମାନସିକତା ଯୋଗୁ ଅନେକ ପୂଜାପାର୍ବଣୀ ପ୍ରହସନ ଭଳି ମନେହୋଇଥାଏ । ତେଣୁ ସାମ୍ପ୍ରତିକ ସମୟରେ ମଣିଷର ରୁଚି ସମ୍ପୂର୍ଣ୍ଣ ବଦଳି ଯାଇଛି । ସେହିଭଳି ବ୍ୟବହାରରେ ଶାଳୀନତା କିମ୍ବା କ୍ରୋଧପ୍ରକାଶ କରିବାରେ ସଂଯମ ରୁନାହିଁ । ପ୍ରତ୍ୟେକ ଘଟଣାରେ ତୁରନ୍ତ ପ୍ରତିକ୍ରିୟା ରଖିବାକୁ ସଭିଏଁ ଆଗଭର । ଭଲମନ୍ଦ ବିଚାର ଅପେକ୍ଷା ନିଜକୁ ଅଧିକ ଶକ୍ତିଶାଳୀ ବୋଲି ପ୍ରମାଣ କରିବାର ନିଶା ସମସ୍ତଙ୍କୁ ଏଭଳି ଘାରିଛି ଯେ, ସ୍ଥାନ କାଳ ପାତ୍ର ବୋଲି କିଛି ବିଚାର କରାଯାଉନାହିଁ । ଯାହାଫଳରେ ନଖରେ ଛିଡିଯିବାକୁ ଥିବା ମାମଲା ବିଚାରାଳୟ ପର୍ଯ୍ୟନ୍ତ ଚାଲିଯାଉଛି । କାହାର କେତେ କ୍ଷତି ହେବ ଅପେକ୍ଷା କିଏ କେଉଁଭଳି ନିଜ ସପକ୍ଷରେ ନ୍ୟାୟ ଆଣିବ ତାହା ହେଉଛି ମୁଖ୍ୟ ପ୍ରସଙ୍ଗ । ସମାଜରେ ଲୋକଙ୍କ ବିଚାରଧାରା ପରିବର୍ତ୍ତନ ଏତେମାତ୍ରାରେ ବଢ଼ିଛି, ଯେଉଁଠି ସମ୍ବେଦନା ଓ ମାନବିକ ମୂଲ୍ୟବୋଧ ଗୁରୁତ୍ୱ ହରାଇବାକୁ ଯାଉଛି । ଏଭଳି ପରିସ୍ଥିତିରେ ଅନ୍ୟ ସହ ନିଜକୁ ଖାପ ଖୁଆଇ ଚଳିବା ନିଶ୍ଚିତ ଯନ୍ତ୍ରଣାଦାୟକ । ତାହାରି ଭିତରେ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇ ରଖିବାରେ କିଛି ବ୍ୟକ୍ତି ଯେଉଁ ସମର୍ପଣ ଭାବ ଦେଖାଉଛନ୍ତି, ତାହା ଯୋଗୁ ସମାଜ ତିଷ୍ଠି ରହିଛି ବୋଲି କହିହେବ । ଆପୋଷ ବୁଝାମଣା, ପାରସ୍ପରିକ ସହଯୋଗ ଦ୍ୱାରା ଯେଉଁ କାର୍ଯ୍ୟ ସହଜରେ କରାଯାଇପାରିବ, ତାକୁ ଜଟିଳ କରି ଏଥିରୁ ସ୍ୱାର୍ଥ ହାସଲ କରିବା ନିହାତି ନିନ୍ଦନୀୟ ହୋଇଥିବା ବେଳେ କିଛି ଲୋକ ଏଭଳି ପନ୍ଥା ଅନୁସରଣ କରିଚାଲିଛନ୍ତି । ଯେଉଁଥିପାଇଁ ଅନ୍ୟାୟ, ଅନୀତି ଓ ବ୍ୟଭିଚାର ବୃଦ୍ଧିପାଉଛି । ଯେଉଁ ବିଜ୍ଞାନ ଏହାକୁ ଉପଲବ୍ଧି କରିଛନ୍ତି, ସେମାନେ କିନ୍ତୁ ସମାଜ ସୁଧାରିବାରେ ଲାଗୁନାହାନ୍ତି । କାରଣ ଅନ୍ୟର ହିତ ବା ଅନ୍ୟର ଭଲରେ ଏମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ସାଧିତ ହୋଇପାରିବନି ବୋଲି ସେମାନେ ମନେକରନ୍ତି । ସମାଜ ସଂସ୍କାରକ ମାନେ ନିରବ ରହିବା ଦ୍ୱାରା ଯେଉଁ ଧାରାରେ ସମାଜର ହିତ ହେବା ଉଚିତ ତାହା ଲକ୍ଷ୍ୟପକ୍ଷରୁ ଦୂରେଇଯିବାକୁ ବସିଛି । ସାମ୍ପ୍ରତିକ ସମୟର ଆହ୍ୱାନ ଅନୁସାରେ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ବ୍ୟକ୍ତିତ୍ୱର ବିକାଶ କରିବାକୁ ପଡିବ । ବ୍ୟକ୍ତି ପଛ ଓ ସାମଜ ଆଗ ଭଳି ବିଚାର ଧାରାକୁ ପୁନର୍ଜୀବିତ କରିବାକୁ ହେବ । ମଣିଷ ମଣିଷ ଭିତରେ ପାର୍ଥକ୍ୟ ସୃଷ୍ଟି କରି ରାଜନୈତିକ ସୁବିଧା ହାସଲ କରିବା ଓ ବାସ୍ତବ ଜୀବନ ବଞ୍ଚିବା ଭିତରେ ବହୁତ ତଫାତ ରହିଛି । ମୁଖେ ହରି ପଛେ ଛୁରୀ ନ୍ୟାୟ ହିଁ ସାମାଜିକ ବିପଦର ଅନ୍ୟତମ କାରଣ । ଯେଉଁ ବ୍ୟକ୍ତି ମଣିଷକୁ ଭଲପାଇବା ଶିଖିନାହିଁ ସେ କିପରି ସମାଜର ମଙ୍ଗଳ କରିପାରିବ ! କଥା ଓ କାମରେ ସମାନତା ଭଳି ପ୍ରସଙ୍ଗ ଏଠାରେ ଗୁରୁତ୍ୱପୂର୍ଣ୍ଣ । କାରଣ ସମାଜ ସୁଧାରକ ନାଁରେ ସମାଜକୁ ଲୁଟିବା ଓ ବାସ୍ତବ ସମାଜକୁ ରୂପ ଦେବା ଭିନ୍ନ କଥା । ଅନେକ ବାକ୍ୟବୀର ସବୁ କଥା ହିଁ ଭାଷଣ ପ୍ରସଙ୍ଗରେ କହୁଥିଲା ବେଳେ ସେମାନଙ୍କ ବାସ୍ତବ ଚରିତ୍ର କିନ୍ତୁ ଅଲଗା । ଭିନ୍ନ ଭିନ୍ନ କଥା କହୁଥିବା ଲୋକମାନେ ସରଳ ଲୋକମାନଙ୍କୁ ଉପାୟ କରି ଠକି ଚାଲିବାକୁ ନିଜର ବିଜ୍ଞତା ବୋଲି ମନେକରନ୍ତି । ଯେଉଁ ନିରୀହ ବ୍ୟକ୍ତି ଏମାନଙ୍କ ଜଟିଳ ସୂତ୍ର ବୁଝିପାରନ୍ତି ନାହିଁ, ସେମାନେ ବାରମ୍ବାର କ୍ଷତିଗ୍ରସ୍ତ ହେଉଥିଲେ ସୁଦ୍ଧା ମୁହଁ ଖୋଲି କହିବାକୁ ସାହସ ଜୁଟାଇ ପାରନ୍ତିନାହିଁ । ଯାହାଫଳରେ ସ୍ୱାର୍ଥନ୍ୱେଷୀ ବ୍ୟକ୍ତିତ୍ୱମାନେ ଅପରର ଯନ୍ତ୍ରଣାରୁ ନିଜର ଫାଇଦା ସହଜରେ ହାସଲ କରିନିଅନ୍ତି । ଲୋକଚରିତ୍ର ବଦଳିଯିବା ପଛରେ ଅନେକ ଗୁଡିଏ କାହାଣୀ ରହିଥିଲା ବେଳେ ପିଲାଟି ଦିନରୁ ପରିବାରରେ ଚରିତ୍ର ଗଠନର ଶିକ୍ଷା ଦିଆନଯିବା, ବିଦ୍ୟାଳୟରେ ପାଠପଢ଼ା ସହ ଏହି ପ୍ରସଙ୍ଗଟିକୁ ଯୋଡା ନଯିବା ଦ୍ୱାରା ସାମାଜିକ ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚି ଯାଇଛି ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କରୋନା ପ୍ରକୋପ ଓ ଆଣ୍ଟିବଡ଼ି



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ରାଜ୍ୟରେ ଦିନକୁ ଦିନ ଚିକିତ୍ସାଧୀନ କରୋନା ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି । ଏବେ ଆକ୍ରାନ୍ତ ତୁଳନାରେ ଅଧିକ ସଂଖ୍ୟାରେ ରୋଗୀ ସୁସ୍ଥ ହେଉଥିବା କାରଣରୁ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟାରେ ହ୍ରାସ ଦେଖିବାକୁ ମିଳିଛି । ତେବେ ଏହି ସମୟରେ କଟକର ଏକ ଖବର କରୋନାକୁ ନେଇ ରହିଥିବା ଭୟକୁ ଦୂରେଇବା ସହ ଆଶ୍ୱସ୍ତ କରିଛି । ନିକଟରେ ଆରଏମ୍‌ଆରସି ପକ୍ଷରୁ କରାଯାଇଥିବା ସେରୋ ସର୍ଭେରେ ଜଣାପଡ଼ିଥିବା ତଥ୍ୟ ଅନୁଯାୟୀ କଟକ ସହରରେ ସାର୍ସ କୋଭ-୨ ବା କୋଭିଡ଼-୧୯ ପାଇଁ ୪୬.୩୯ ପ୍ରତିଶତ ଲୋକଙ୍କ ଶରୀରରେ ଆଣ୍ଟିବଡ଼ି ସୃଷ୍ଟି ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେଉଁ ଲୋକମାନଙ୍କ ଶରୀରରେ ଆଣ୍ଟିବଡ଼ି ସୃଷ୍ଟି ହୋଇଛି ତାହା ଭିତରୁ ୯୦%ଙ୍କ ଶରୀରରେ କୌଣସି ପ୍ରକାର ଲକ୍ଷଣ ନଥିବା କୁହାଯାଉଛି । ନଭେମ୍ବର ୨-୫ରେ କଟକରେ ସେରୋ ସର୍ଭେ ହୋଇଥିଲା । ସମୁଦାୟ ୨୨୭୪ ନମୁନା ସଂଗ୍ରହ କରାଯାଇଥିଲା । ତାହା ଭିତରୁ ୨୫ଟି ୱାର୍ଡ଼ ବା କ୍ଲଷ୍ଟରରୁ ୧୬୩୪ ନମୁନା ଓ ସମ୍ବେଦନଶୀଳ ଗୋଷ୍ଠୀରୁ ୬୪୦ ନମୁନା ସଂଗ୍ରହ ହୋଇଥିଲା । ଆରଏମ୍‌ଆରସିର ପାଞ୍ଚଟି ଟିମ୍ ନମୁନା ସଂଗ୍ରହ କରିଥିଲେ ପ୍ରତି ୱାର୍ଡ଼ରୁ ୬୦ ପରିବାର ଓ ପ୍ରତିଘରୁ ଜଣେ ବ୍ୟକ୍ତିଙ୍କ ଠାରୁ ର୍ୟାଣ୍ଡମ ନମୁନା ସଂଗ୍ରହ ହୋଇଥିଲା । ଏଥିରେ କଟକ ସହରରେ ସମୁଦାୟ ଭାବେ ୪୬.୩୯ ପ୍ରତିଶତ ଆଣ୍ଟିବଡ଼ି ସୃଷ୍ଟି ହୋଇଛି । ଏଥିରେ ଗୋଷ୍ଠୀସ୍ତରରେ ୪୧.୮ ପ୍ରତିଶତ ଓ ସମ୍ବେଦନଶୀଳ ଗୋଷ୍ଠୀରେ ୫୬.୪ ପ୍ରତିଶତ ଲୋକଙ୍କଶରୀରରେ ଆଣ୍ଟିବଡ଼ି ଦେଖିବାକୁ ମିଳିଛି । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି କୋଭିଡ୍ ଯୋଦ୍ଧାଙ୍କ ଠାରେ ଅଧିକ ଭାବେ ଆଣ୍ଟିବଡ଼ି ସୃଷ୍ଟି ହୋଇଛି । ଡାକ୍ତର, ନର୍ସ, ପୋଲିସ, ସାମ୍ବାଦିକଙ୍କ ଭଳି କୋଭିଡ୍ ଯୋଦ୍ଧା ଅଥବା ସମ୍ବେଦନଶୀଳ ଗୋଷ୍ଠୀଙ୍କ ମଧ୍ୟରେ ୫୬.୪୦ ପ୍ରତିଶତ ଆଣ୍ଟିବଡ଼ି ତିଆରି ହୋଇଥିବାର ସର୍ଭେ ରିପୋର୍ଟରୁ ଜଣାପଡ଼ିଛି । ପୁରୁଷ ଓ ମହିଳାଙ୍କ ମଧ୍ୟରେ ଆଣ୍ଟିବଡ଼ିରେ କୌଣସି ଫରକ ଦେଖିବାକୁ ମିଳିନାହିଁ ମାତ୍ର ଯୁବଗୋଷ୍ଠୀଙ୍କ କ୍ଷେତ୍ରରେ ଅଧିକ ମାତ୍ରାରେ ଆଣ୍ଟିବଡ଼ି ସୃଷ୍ଟି ହୋଇଛି । ସୂଚନା ଥାଉକି ପୂର୍ବରୁ ଭୁବନେଶ୍ୱରରେ ହୋଇଥିବା ସେରୋ ସର୍ଭେରେ ୫୫ ପ୍ରତିଶତ, ବ୍ରହ୍ମପୁର ସହରରେ ୩୧ ପ୍ରତିଶତରୁ ଅଧିକ ଓ ଗଜପତିରେ ୬୫ ପ୍ରତିଶତ ଲୋକଙ୍କ ଶରୀରରେ ଆଣ୍ଟିବଡ଼ି ଦେଖିବାକୁ ମିଳିଥିଲା ।

କରୋନା ଭୂତାଣୁ ବା କୋଭିଡ଼-୧୯ ସଂକ୍ରମିତ ରୋଗୀମାନେ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ହେଉଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ଏହା ଜ୍ୱର, କାଶ ଭଳି ସମସ୍ୟା ସୃଷ୍ଟି କରିବା ସହ ରୋଗୀର ଶ୍ୱାସକ୍ରିୟାକୁ ପ୍ରଭାବିତ କରୁଛି । ଏଭଳି ଲକ୍ଷଣ ପ୍ରକାଶ ପାଇଲେ ଶୀଘ୍ର ନମୁନା ପରୀକ୍ଷା ପାଇଁ ପରାମର୍ଶ ଦିଆଯାଉଛି । କିନ୍ତୁ କେତେକ ସଦ୍ୟ ଅଧ୍ୟୟନରୁ କିଛି ନୂଆ ତଥ୍ୟ ଭିନ୍ନ ନିର୍ଯାସ ବାହାରିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ ବିଷୟ । କୋଭିଡ଼-୧୯ କେବଳ ଏକ ଶ୍ୱାସକ୍ରିୟାଜନିତ ରୋଗ ନୁହେଁ, ବରଂ ଏଥିରେ ସଂକ୍ରମିତ ହେଉଥିବା ଲୋକଙ୍କର ସମ୍ପୂର୍ଣ୍ଣ ଶରୀର ପ୍ରଭାବିତ ହେଉଛି । ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଧୀରେ ଧୀରେ ଏହି ଭୂତାଣୁ ଶରୀରକୁ ଅବଶ କରିପକାଉଛି । କରୋନା ଭୂତାଣୁ ସଂକ୍ରମିତ ରୋଗୀଙ୍କ ଧମନୀରେ ରକ୍ତ ଜମାଟ ବାନ୍ଧିବା ଆଶଙ୍କା ଦେଖିବାକୁ ମିଳିଛି । ହ.ୱେଙ୍ଗର୍ଯର ଯେଉଁ ୩୮ ବର୍ଷୀୟ ରୋଗୀଙ୍କ ଉପରେ ଅଧ୍ୟୟନ କରିଥିଲେ, ତାଙ୍କଠାରେ ଏହି ସମସ୍ୟା ଦେଖିବାକୁ ମିଳିଥିଲା । ତାଙ୍କ ମୁଖ୍ୟ ଧମନୀରେ ଏକ ବଡ଼ ଅଂଶରେ ରକ୍ତ ଜମାଟ ବାନ୍ଧିଥିଲା । ଯେଉଁ ସ୍ଥାନରୁ ଧମନୀ ଦୁଇଭାଗ ହୋଇ ଦୁଇଗୋଡ଼କୁ ବିସ୍ତାର କରିଛି, ଠିକ ସେହିଠାରେ ରକ୍ତ ଜମାଟ ବାନ୍ଧିଥିଲା । ଏହାଦ୍ୱାରା ଉଭୟ ଗୋଡ଼କୁ ରକ୍ତ ପ୍ରବାହ ହୋଇପାରିନଥିଲା । ଫଳରେ ତାଙ୍କ ଗୋଡ଼ ଅକାମୀ ହୋଇଯାଇଥିଲା । ସେ ଚାଲିପାରି ନଥିଲେ । ଫଳରେ ତାଙ୍କର ତୁରନ୍ତ ଅସ୍ତ୍ରୋପଚାର କରିବାକୁ ପଡ଼ିଥିଲା । ଅନ୍ୟ କେତେକ ଡାକ୍ତରଙ୍କୁ ନେଇ ଗଠିତ ଟିମ୍ ଦର୍ଶାଇଛି ଯେ ଯୁବ ରୋଗୀଙ୍କ ଠାରେ ଏହା ଷ୍ଟ୍ରୋକ ବା ଆଘାତ ଭଳି ସମସ୍ୟା ସୃଷ୍ଟି କରୁଛି । ଫୁସ୍‌ଫୁସ୍‌ରେ ରକ୍ତ ଜମାଟ ବାନ୍ଧିବା ନେଇ ଆଶଙ୍କା ରହିଛି । ଡା.ଓରେନ୍ ଫ୍ରିଡମ୍ୟାନଙ୍କ ମୁତାବକ ଅତ୍ୟନ୍ତ କ୍ଷୁଦ୍ର ରକ୍ତ କଣିକାରେ ଜମାଟ ଭଳି ସ୍ଥିତି ଦେଖିବାକୁ ମିଳିଛି । ଏଭଳି ପରିସ୍ଥିତିରେ ରୋଗୀମାନଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଇବାକୁ ପଡୁଛି । ଅଧିକାଂଶ କରୋନା ମାମଲାରେ ରୋଗୀଙ୍କ ଠାରେ ଶ୍ୱାସକ୍ରିୟା ଜନିତ ସମସ୍ୟା ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ଆସୁଥିବା କେତେକ ଲକ୍ଷଣରୁ ଜଣାପଡୁଛି ଯେ କରୋନା ସଂକ୍ରମିତ ଲୋକଙ୍କର ଏକାଧିକ ଅଙ୍ଗ ପ୍ରଭାବିତ ହୋଇପାରେ । ପିଲାମାନଙ୍କର ପ୍ରତିରୋଧକ କ୍ଷମତାକୁ ଏହା ପ୍ରଭାବିତ କରୁଛି । କିଛି ରୋଗୀଙ୍କର ପୁରା ଶରୀରକୁ କରୋନା ଭୂତାଣୁ କବଳିତ କରୁଛି । କିନ୍ତୁ ଅଧିକାଂଶ ରୋଗୀ ଠାରେ ଜ୍ୱର, ନିମୋନିଆ, ଶ୍ୱାସକ୍ରିୟା ସମସ୍ୟା ଦେଖାଦେଉଛି । ଡାକ୍ତରଙ୍କ ମୁତାବକ ଏହି ଭୂତାଣୁ ସିଧାସଳଖ ଭାବେ କିଛି ଅଙ୍ଗପ୍ରତ୍ୟଙ୍ଗକୁ କ୍ଷତି ପହଞ୍ଚାଇପାରେ । ରକ୍ତ କଣିକା ଉପରେ ଏହା ଆକ୍ରମଣ କରି ଅସ୍ୱାଭାବିକ ରକ୍ତ ଜମାଟ ପରିସ୍ଥିତି ସୃଷ୍ଟି କରିପାରେ ।

କରୋନା ଭୂତାଣୁ ଦ୍ୱାରା ଛୋଟ ପିଲାମାନେ ସଂକ୍ରମିତ ହେଉଥିବା ନେଇ ଅନେକ ଖବର ଆସୁଛି । ସେମାନଙ୍କର ପ୍ରତିରୋଧକ ବ୍ୟବସ୍ଥା ବିଗିଡ଼ିବା ନେଇ ଲକ୍ଷଣ ଦେଖିବାକୁ ମିଳୁଛି । କୋଭିଡ଼-୧୯ ଏବେ ପେଡ଼ିଆଟ୍ରିକ ମଲ୍‌ଟିସିଷ୍ଟମ ଇନ୍‌ଫ୍ଲେମେଟୋରି ସିଣ୍ଡ୍ରୋମ ସହ ସଂଶ୍ଳିଷ୍ଟ ହୋଇଯାଇଛି । ଶିଶୁରୋଗ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ କମିଟି ଇଣ୍ଟରନ୍ୟାସନାଲ ପିଆଇସିୟୁ କୋଭିଡ଼-୧୯ କୋଲାବରେସନ ଦର୍ଶାଇଛି ଯେ ପିଲାଙ୍କୁ କରୋନା ସଂକ୍ରମଣ ହେବା ଦ୍ୱାରା ସେମାନଙ୍କ ଠାରେ ଜ୍ୱର ଲାଗିରହୁଛି । ଏହାଛଡ଼ା ଜ୍ୱଳନ ଏବଂ ଏକ ବା ଏକାଧିକ ଅଙ୍ଗ ଭଲ ଭାବେ କାର୍ଯ୍ୟ କରୁନାହିଁ । ପ୍ରତିରୋଧକ ବ୍ୟବସ୍ଥା ପ୍ରଭାବିତ ହେବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ବୋଷ୍ଟନ ଚିଲ୍‌ଡ୍ରେନସ୍ ହସ୍ପିଟାଲର ର୍ୟୁମାଟୋଲୋଜିଷ୍ଟ ଡ.ମେରୀ ବେଥ ସନ୍ କହିଛନ୍ତି । ପିଲାଙ୍କ ଠାରେ କାୱାସାକି ରୋଗ ଦେଖିବାକୁ ମିଳୁଛି । ଏହି ରୋଗ ହେବା ଦ୍ୱାରା ପିଲାମାନଙ୍କ ରକ୍ତ କଣିକାରେ ଜ୍ୱଳନ ଭଳି ସମସ୍ୟା ଦେଖାଦିଏ । କିନ୍ତୁ ଅଧିକାଂଶ ମାମଲାରେ ପିଲାମାନେ ଆପେ ଆପେ ସୁସ୍ଥ ହୋଇଥାନ୍ତି । ନ୍ୟୁଜର୍ସିସ୍ଥିତ ପୋମୋନାରେ ଜଣେ ଶିଶୁରୋଗ ଚିକିତ୍ସକ ଭାବେ କାର୍ଯ୍ୟ କରୁଥିବା ଡା.ଗ୍ଲେନ୍ ବଡ଼ନିକ କହିଛନ୍ତି, କରୋନା ଭୂତାଣୁ ସଂକ୍ରମଣ ଏକ ଜ୍ୱଳନ ସମ୍ବନ୍ଧୀୟ ରୋଗ । ତେଣୁ ଏହାଦ୍ୱାରା ପ୍ରତିରୋଧକ ବ୍ୟବସ୍ଥା ପ୍ରତିକ୍ରିୟାଶୀଳ ହେଉଛି । ଏହି ପ୍ରତିକ୍ରିୟା ବାରମ୍ବାର ହେଲେ ଏହା କାୱାସାକି ଭଳି ରୋଗ ସୃଷ୍ଟି କରିପାରେ । କରୋନା ଭୂତାଣୁ ସଂକ୍ରମଣ ଯୋଗୁଁ ପାଦରେ ନାଲି ନାଲି ଫଳିଯିବା ଭଳି ଘା ସୃଷ୍ଟି ହେଉଥିବା ନିକଟରେ ଏକାଧିକ ରିପୋର୍ଟରୁ ଜଣାପଡ଼ିଥିଲା । କରୋନା ରୋଗୀ ଠାରେ ଏହା ନୂଆ ଲକ୍ଷଣ ପ୍ରକାଶ ପାଇଥିଲା । ଏହି ରୋଗକୁ କୋଭିଡ଼-ଟୋଜ ବୋଲି କୁହାଯାଉଛି । ତେବେ ଅତି କ୍ଷୁଦ୍ର ରକ୍ତ ଜମାଟ ବାନ୍ଧିବା ସମସ୍ୟା ଯୋଗୁଁ ପାଦରେ ଏଭଳି ସମସ୍ୟା ଦେଖାଦେଉଥିବା ଡାକ୍ତରମାନେ ମତପୋଷଣ କରିଛନ୍ତି । କୋଭିଡ଼-୧୯ ସଂକ୍ରମିତ ରୋଗୀଙ୍କ ଠାରେ ଚର୍ମ ପ୍ରତିକ୍ରିୟା ଘଟଣା ଘଟୁଥିବା ଏଥିରୁ ସ୍ପଷ୍ଟ ହେଉଛି । ପାଦର ରକ୍ତ କଣିକାରେ ଅତ୍ୟନ୍ତ କ୍ଷୁଦ୍ର ରକ୍ତ ଜମାଟ ବାନ୍ଧୁଥିବାରୁ ଏଭଳି ଘା'ମାନ ସୃଷ୍ଟି ହେଉଛି ବୋଲି କ୍ଲେଭାଲଣ୍ଡ କ୍ଲିନିକ ପଲମୋନୋଲୋଜିଷ୍ଟ ଡ.ହମ୍ବଗେ କୋଇ କହିଛନ୍ତି । କିନ୍ତୁ ଏହ କୌଣସି ସାଂଘାତିକ ଲକ୍ଷଣ ସହ ଜଡ଼ିତ ନୁହେଁ ବୋଲି ଡ.କୋଇ ସ୍ପଷ୍ଟ କରିଛନ୍ତି । ବାସ୍ତବ କଥା ହେଉଛି ପୁରା ଶରୀରକୁ କବଳିତ କରୁଥିଲେ ବି ଏ ନେଇ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏବଂ ନିଜ ଇଷ୍ଟଙ୍କ ପ୍ରତି ସମର୍ପିତ ହୋଇ ଧୈର୍ଯ୍ୟ ଧରନ୍ତୁ ।

*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

*ଦୂରଭାଷ : ୯୪୩୭୦୫୧୯୫୭*

# ସବୁଜ ଦୀପାବଳି : ନିରାପଦ ଜୀବନ



ବିପିନ ବିହାରୀ ରାଉତ

ଚଳିତ ବର୍ଷର ମହାମାରୀ କରୋନା ପ୍ରକୋପ ଭିତରେ ଲୋକମାନଙ୍କ ଭିତରେ ସଚେତନତା ବଢ଼ି ସବୁଜ ଦୀପାବଳି ପାଳନ କରିବା ସହ ବାଣ ଫୁଟାଇବା ଠାରୁ ନିଜକୁ ଦୂରେଇ ପାରିଛନ୍ତି । ଶୀତର ପ୍ରକୋପ, ପ୍ରବଳ ଧୂଳି ଓ କୁହୁଡ଼ି ବାଣର ପ୍ରଦୂଷଣକୁ କରୋନା ନିମିତ୍ତ ଭୟାନକ ହୋଇଥାନ୍ତା । ଦେଶରେ ଧର୍ମ ଓ ଉତ୍ସବର ପରମ୍ପରା ସହ ଜନସାଧାରଣ ଓତଃପ୍ରୋତଃ ଭାବେ ଜଡ଼ିତ ଥିବାରୁ ସଂସ୍କାରର ଆବଶ୍ୟକତା ଥିଲେ ବି ତାକୁ କରିବା କଷ୍ଟକର ହେଉଛି । ତା'ଛଡ଼ା ସବୁ କ୍ଷେତ୍ରରେ ନ୍ୟସ୍ତସ୍ୱାର୍ଥ ସମ୍ପର୍କ ମଧ ଥାଏ । ଏବେ ଯୁକ୍ତି ହେଉଛି ଯେ ଦୀପାବଳୀ ଉତ୍ସବକୁ ସବୁଜ ଦୀପାବଳୀରେ ପରିଣତ କରାଯାଇପାରିଲେ ତାହା ପରିବେଶ ତଥା ନିରାପତ୍ତା ଦୃଷ୍ଟିରୁ ଯଥାର୍ଥ ହୁଅନ୍ତା । କିନ୍ତୁ ଏହି ଉତ୍ସବର ପରମ୍ପରାକୁ ଦେଖିଲେ ସବୁଜ ଦୀପାବଳି ଯୁକ୍ତି ବାସ୍ତବରେ ତାହା ବିରୋଧୀ । ଯଦିଓ ତାର ଆଦର୍ଶଗତ ଗୁରୁତ୍ୱ ଅଧିକ ହେବ । ତଥାପି ଦେଶର ରାଜଧାନୀ ଦିଲ୍ଲୀସହରରୁ ଆରମ୍ଭ କରି ଅନ୍ୟତ୍ର ଏହି ଉତ୍ସବ ପାଳନର ଉଗ୍ର କ୍ଷତିକାରକ ଦିଗକୁ ହ୍ରାସ କରିବା ସକାଶେ ନ୍ୟାୟପାଳିକା ଏବଂ ଅନ୍ୟ ସଚେତନ ଶ୍ରେଣୀରେ ଯେ ଗତ କିଛି ବର୍ଷ ବିତର୍କ ଆରମ୍ଭ ହୋଇଛି ତାହା ଖୁସିର ବିଷୟ ।

ଭାରତରେ ଯେଉଁ ଉତ୍ସବ ପାଳନ କରାଯାଏ ତନ୍ମଧ୍ୟରୁ ଦୀପାବଳି ପରିବେଶ ଲାଗି ଅଧିକ କ୍ଷତି ଆଣିଦିଏ । କାରଣ ହେଲା ତତ୍‌ଜନିତ ମାତ୍ରାଧିକ ବାୟୁ ଓ ଶବ୍ଦ ପ୍ରଦୂଷଣ । ତେଣୁ ଦୀପାବଳି ଋତୁରେ ବିଶେଷତଃ ଦୀପାବଳି ସନ୍ଧ୍ୟାରେ ଆତସବାଜି ବ୍ୟବହାର କିପରି କମାଯାଇପାରିବ ସେଥି ସକାଶେ ଗତ କିଛି ବର୍ଷ ହେଲା ଉଦ୍ୟମ ହୋଇଆସୁଛି । ନିକଟରେ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ନିଜ ଆଦେଶରେ ଜାରି କରିଥିବା କଟକଣା ଗୁଡ଼ିକ ମଧ ସେହି ଉଦ୍ୟମର ଅଂଶବିଶେଷ । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଦୀପାବଳି ସନ୍ଧ୍ୟାରେ ବାଣ ଫୁଟା ଦୁଇଘଣ୍ଟାରେ ସୀମିତ ରହିବ । ତାହା ରାତି ୮ଟାରୁ ୧୦ଟା ଯାଏ କରାଯାଇପାରିବ । ନୂଆବର୍ଷ ଓ ଖ୍ରୀଷ୍ଟମାସ ବେଳେ ମଧ ଏହି କଟକଣା ଲାଗୁ ରହିବ ବୋଲି କୋର୍ଟ କହିଛନ୍ତି । କୋର୍ଟ ମଧ ବାଣର ଅନଲାଇନ ବିକ୍ରି ନିଷେଧ କରିବା ସାଙ୍ଗକୁ ସବୁଜ ଆତସବାଜି ବ୍ୟବହାର ପ୍ରସ୍ତାବ ଦେଇଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସ୍ଥାନୀୟ ପ୍ରଶାସନ କେଉଁ ସାଧାରଣ ସ୍ଥାନରେ ବାଣ ଫୁଟାଯିବ ତାହା ଚିହ୍ନଟ କରିବେ । କେତେକ ପ୍ରକାରର ବାଣ ବ୍ୟବହାରକୁ କୋର୍ଟ ନିଷେଧ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କର ଉପରୋକ୍ତ ଆଦେଶ ସବୁ ଦିଗ ମଧ୍ୟରେ ଭାରସାମ୍ୟ ରକ୍ଷା ଉପରେ ଆଧାରିତ ବୋଲି ଜଣାପଡୁଛି । ଦେଶରେ ତାମିଲନାଡୁର ଶିବକାଶୀ ପରି ଯେଉଁ ସବୁ ସ୍ଥାନରେ ବାଣ ତିଆରି ଶିଳ୍ପ ରହିଛି ସେସବୁର ଆବଶ୍ୟକତାକୁ କୋର୍ଟ ବିଚାରକୁ ନେଇଛନ୍ତି । ଏହି ବ୍ୟବସ୍ଥାରେ ବେଶ ସଂଖ୍ୟକ ଲୋକ ଉତ୍ପାଦନ ଠାରୁ ବିକ୍ରି ପର୍ଯ୍ୟନ୍ତ ନିଯୁକ୍ତି ପାଆନ୍ତି ଯଦିଓ ତାହା ସାମୟିକ । ସେମାନଙ୍କର ଜୀବିକାକୁ ସାଧାରଣ ବ୍ୟବହାରକାରୀଙ୍କ ଅଧିକାରକୁ ଏବଂ ଧାର୍ମିକ ଭାବାବେଗ ପରିବେଶଗତ ଆବଶ୍ୟକତା ତଥା ସ୍ଥାନୀୟ ପ୍ରଶାସନର ସମସ୍ୟାକୁ ବିଚାରକୁ ନେଇ କୋର୍ଟ ନିଜର ଆଦେଶ ଦେଇଛନ୍ତି । ପ୍ରକୃତରେ ଉପରୋକ୍ତ ସବୁ ଦିଗ ମଧ୍ୟରେ ସଠିକ ଭାରସାମ୍ୟ ରଖିବା ଦରକାର । କାରଣ ଅନେକ ଦିଗ ପରସ୍ପର ବିରୋଧୀ । ଗୋଟିକର ସ୍ୱାର୍ଥକୁ ଦେଖିଲେ ଅନ୍ୟ ପାଇଁ ତାହା କ୍ଷତିକାରକ ହେବ । ଏସବୁକୁ ବିଚାର କଲେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ପ୍ରସ୍ତାବ ଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିହେବ କି ନା ସନ୍ଦେହ ରହୁଛି । ଏବେ ଯେପରି ଦେଶର ରାଜନୈତିକ ଶ୍ରେଣୀ କୋର୍ଟଙ୍କ ଆଦେଶ କ୍ଷେତ୍ରରେ ବି ଧାର୍ମିକ ଭାବାବେଗକୁ ବିପରୀତ ଦିଗରେ ଉସୁକାଉଛନ୍ତି ତାକୁ ମଧ ବିଚାରକୁ ନେବାକୁ ହେବ । ଗତବର୍ଷ କୋର୍ଟ ବାଣ ଉପରେ ଏକ ନିଷେଧାଦେଶ ଜାରି କରିଥିଲେ । କିନ୍ତୁ ସର୍ବତ୍ର ଏହାର ନିୟମ ଉଲ୍ଲଙ୍ଘନ କରାଗଲା । ଗତବର୍ଷର ଆଦେଶ ଲାଗୁ କରାନଯାଇ ପାରିବାରୁ କୋର୍ଟ ଏଥର ନିର୍ଦ୍ଦେଶ ନାମାକୁ କୋହଳ କରିଦେଇଛନ୍ତି । ତଥାପି ନୂଆ ଆଦେଶର କାର୍ଯ୍ୟକାରିତାରେ ସମସ୍ୟା ଦେଖାଦେଇପାରେ । କୋର୍ଟ କହିଛନ୍ତି ଯେ, ପୁଲିସ ଆଦେଶକୁ ଯେପରି କାର୍ଯ୍ୟକାରୀ କରାଯାଏ ତାହା ଦେଖିବ । ନଚେତ ପୁଲିସ କୋର୍ଟ ଅବମାନନାର ସମ୍ମୁଖୀନ ହେବ । ଦଣ୍ଡ ଭୟ ରହିଲେ ବି ଆଦେଶ ଯେତିକି ଭାବେ ଲାଗୁ ହୋଇପାରିବ ସେହି ଗ୍ୟାରେଣ୍ଟି ନାହିଁ । ଧାର୍ମିକ ଉତ୍ସବ ଗୁଡ଼ିକରେ ବହୁ ସଂଖ୍ୟକ ଲୋକ ଭାଗ ନିଅନ୍ତି ଓ ସେମାନଙ୍କୁ ନିୟନ୍ତ୍ରଣ କରିବାର ସାମର୍ଥ୍ୟ ଓ ସୁବିଧା ପୁଲିସ ପାଖରେ ସର୍ବତ୍ର ନାହିଁ । ଯଦି ନିର୍ଦ୍ଦିଷ୍ଟ ଧରଣର ବାଣକୁ ଅଳ୍ପ ସମୟ ମଧ୍ୟରେ ବ୍ୟବହାର କରାଯିବ ତେବେ ଆଗରୁ ତିଆରି ହୋଇ ରହିଥିବା ବାଣ ଷ୍ଟକ୍ ଅବ୍ୟବହୃତ ହୋଇ ରହିଯିବ । ବାଣ ବ୍ୟବସାୟ ସହ ସମସ୍ତେ ଏଥିରେ କ୍ଷତିଗ୍ରସ୍ତ ହେବେ । ଯେହେତୁ ବାଣ ତିଆରି ଓ ବିକ୍ରି ଋତୁଗତ ବେପାର ସେ କାରଣରୁ ଏଥିସହ ସଂଶ୍ଳିଷ୍ଟ ଲୋକଙ୍କର ଜୀବିକା ଚାପର ସମ୍ମୁଖୀନ ହେବ । ଅବଶ୍ୟ ତା ଆଗରେ ସମୂହ ସ୍ୱାର୍ଥ ଅଧିକ ଗୁରୁତ୍ୱପୂର୍ଣ୍ଣ । କମ୍ ପ୍ରଦୂଷଣ କରୁଥିବା ବାଣ ଯଦି ଉତ୍ପାଦିତ ହୋଇ ବ୍ୟବହୃତ ହୁଅନ୍ତା ତେବେ ଦୀପାବଳିର ପରିବେଶଗତ ସମସ୍ୟା କମିଯାଆନ୍ତା । ବାଣ ଉତ୍ପାଦନକାରୀମାନଙ୍କୁ ଏହି ଲକ୍ଷ୍ୟରେ ନୂଆ କାରିଗରୀ କୌଶଳ ବ୍ୟବହାର କରିବା ସକାଶେ ପ୍ରବର୍ତ୍ତା ଯାଉ । ସେମାନେ ସବୁଜ ଆତସବାଜି ତିଆରି କରନ୍ତି ତାହା ସାଙ୍ଗକୁ ସାଧାରଣ ଲୋକଙ୍କୁ ବିଶେଷ ଭାବରେ ଛୋଟ ପିଲାଙ୍କୁ ବାଣଫୁଟାର ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ମଧ ସଚେତନ କରିବାକୁ ପଡ଼ିବ । କୋର୍ଟର ଦଣ୍ଡବିଧାନ ବା ପ୍ରଶାସନର ଚାବୁକ ଅପେକ୍ଷା ଲୋକମାନଙ୍କ ଭିତରେ ଜାତୀୟ ଭାବନା ନେଇ ସମାଜର ସ୍ୱାର୍ଥ ନିମିତ୍ତ ସବୁଜ ଦୀପାବଳି ପାଳନ କରିଥିବାରୁ ଭାରତର ପ୍ରତିଟି ନାଗରିକ ଧନ୍ୟବାଦର ଓ ପ୍ରଶଂସାର ପାତ୍ର ନିଶ୍ଚୟ ।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

*ଦୂରଭାଷ : ୯୪୩୭୬୬୬୪୫୩*

**ଶୌଚମ୍ :-**

*ଦେବଦ୍ୱିଜ ଗୁରୁ ପ୍ରାଜ୍ଞ ପୂଜନଂ ଶୌଚମାର୍ଜବମ୍ ।*

*ବ୍ରହ୍ମଚର୍ଯ୍ୟ ମହିଂସା ଚ ଶାରୀରଂ ତବ ଉଚ୍ୟତେ ।।*

*ପବିତ୍ର ଆଚରଣ କରିବା, ସରଳତା, ସଦାଚାର, ଅହିଂସା ତଥା ଦେବ ବ୍ରାହ୍ମଣ ଓ ଜ୍ଞାନୀଜନଙ୍କର ସମ୍ମାନ କରିବା ଏହି ସବୁ ଗୁଣ ଶରୀରର ତପ ଅଟେ ।*

*ଘର ଖର୍ଚ୍ଚ କାହିଁକି ବଢ଼ିଥାଏ ? କାହିଁକି ନା ଆମକୁ ଘର କାମ କରିବାକୁ ଆଳସ୍ୟ । ଆଳସ୍ୟରୁ ରୋଗ ଉତ୍ପତି । କାମ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବା ପରେ ଡାକ୍ତରଙ୍କ ଉପରେ ନିର୍ଭର କରିବା ଇତ୍ୟାଦିରେ ଅନେକ ଟଙ୍କା ବର୍ବାଦ କରିଥାଏ । ପାଣି, ବିଜୁଳି, କପଡା, ଭୋଜନ ଇତ୍ୟାଦି ସଂଯମତାରେ ବ୍ୟବହାର ନ କଲେ ମଧ ଟଙ୍କା ବର୍ବାଦ ହୋଇଥାଏ । କିଛିବାଟ ଯିବାକୁ ହେଲେ ସ୍କୁଟର, ମୋଟର ସାଇକେଲ ବ୍ୟବହାର କରୁଛେ । ଅଧିକାଂଶ ସମୟ ଘରେ ବନାଉଥିବା ଖାଦ୍ୟ ପସନ୍ଦ ନ କରି ହୋଟେଲରେ ଖାଇବାକୁ ପସନ୍ଦ କରୁଛେ ଏହାଦ୍ୱାରା ଆମର ଖର୍ଚ୍ଚ ନିଶ୍ଚୟ ଭାବରେ ବଢ଼ିଥାଏ । ଖର୍ଚ୍ଚ ବଢ଼ିଲେ ମାନସିକ ଅଶାନ୍ତି । ତେଣୁ ନିଜର ଅତ୍ୟଧିକ ଆବଶ୍ୟକତା ପୂରଣ ପାଇଁ ଲାଞ୍ଚ ନେବା ଇତ୍ୟାଦି ଭୁଲ କାମ କରିବାକୁ ବାଧ ହେଉଛେ । କ୍ରମେ ନିଜ ଭିତରେ ଓ*





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

*ସମାଜରେ ହିଂସା, ଈର୍ଷା ଆଦି ବ୍ୟାଧିକୁ ସଂକ୍ରମିତ କରୁଛେ ।*

*ନିଜ ଆୟ ଅନୁସାରେ ଖର୍ଚ୍ଚ କଲେ କ୍ଷତି କଣ ? ନିଜ ଭିତରେ ତଥା ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ପରସ୍ପର ପ୍ରେମ, ସଦ୍‌ଭାବ ବଢ଼ାଇବା ଦରକାର । ପରିବାରରେ ଶାନ୍ତି ପାଇଁ ପ୍ରାତଃ ପ୍ରାର୍ଥନା, ଧ୍ୟାନ, ସ୍ୱାଧ୍ୟାୟ ଭଜନ ଇତ୍ୟାଦି କରି ପରସ୍ପର ପ୍ରେମକୁ ବଢ଼ାଇବା ଦରକାର । ପରିବାର ଐକ୍ୟ କେବଳ ପରିବାରକୁ ନୁହେଁ ସମାଜ ଓ ରାଷ୍ଟ୍ରକୁ ମଜବୁତ କରିଥାଏ । ଶୌଚ ବା ପବିତ୍ରତା ଆମ ଦୈନନ୍ଦିନ ଜୀବନର ଆଚାର ସଂହିତା ଅଟେ । ହଁ ବୁଝିସୁଝି ଖର୍ଚ୍ଚ କରିବା ଅର୍ଥ କଞ୍ଜୁସ ହେବା ମଧ ଅନୁଚିତ । କଞ୍ଜୁସ ବ୍ୟକ୍ତିକୁ ଶୁଦ୍ଧ ବ୍ୟକ୍ତି କୁହାଯାଇ ନପାରେ । ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହାରିକ ଶୁଦ୍ଧତାକୁ ବଜାୟ ରଖିବା ଆବଶ୍ୟକ । ନିଜେ ନିଜ ସାଙ୍ଗରେ ଓ କେବେ ପରିବାର ସାଥିରେ ବସି ଚିନ୍ତନ କଲେ ଜଣାପଡେ ଅଶୌଚର ଛିଦ୍ର କେଉଁ ଜାଗାରେ ରହିଛି । ଏହି ଛିଦ୍ର ବନ୍ଦ କରାଯାଇପାରେ । ହେଲେ ନିଜଠାରୁ ଆରମ୍ଭ କରିବା ଉଚିତ । ଶ୍ରୀକୃଷ୍ଣ ଭଗବାନ କହିଛନ୍ତି, 'ତୁମେ ତୁମ ନିଜର ଶତ୍ରୁ ଆଉ ମିତ୍ର' ତେଣୁ ପ୍ରଥମେ ନିଜର କଲ୍ୟାଣ ଚିନ୍ତା କର ପରେ ସମାଜର ଏବଂ ରାଷ୍ଟ୍ରର କଲ୍ୟାଣ ଆପେ ଆପେ ହୋଇଯିବ ।*

(କ୍ରମଶଃ)

ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।



**କ୍ଷୀରୋଦ ଦାସ**

ଭାଗ-୩୫

# ସମ୍ପର୍କର ସୂତା ଖିଅ

**ସୁ**ରେନ୍ଦ୍ର! ଯେଉଁ ନାଁ ଟି ମନ ଭିତରକୁ ପଶି ଆସିବାମାତ୍ରେ ଇନ୍ଦ୍ରଧନୁର ସପ୍ତରଙ୍ଗରେ ଚିତ୍ରିତ ହୋଇଯାଉଥିଲା ସାରା ପୃଥିବୀ, ମନର ଅନ୍ଦିକନ୍ଦିରେ ମନମତାଣିଆ ଦକ୍ଷିଣାପବନ ଲୁଚକାଳି ଖେଳୁଥିଲା, ଯାବତୀୟ କର୍କଶ ଧ୍ୱନୀ ପରିଣତ ହୋଇଯାଇଥିଲା ମଧୁର ସଙ୍ଗୀତରେ, ମହମହ ବାସ୍ନାରେ ମହକିତ ହୋଇଯାଉଥିଲା ଚଉଦିଗ, ସେହି ନାମଟି କ'ଣ ପାଇଁ ପରିଣତ ହୋଇଗଲା ମୁଠାଏ ମରୀଚିକାରେ? ଆଞ୍ଜୁଳାଏ ଅବଶୋଷରେ?

ମାଇଁ ପଶଇ ଆସିଲେ ଘର ଭିତରକୁ। ମମତାକୁ ଚିନ୍ତାର ଅଥଳ ପାଣିରେ ଉବୁଟୁବୁ ହେଉଥିବାର ଦେଖି ଆସି ବସିଲେ ତା' ପାଖରେ। ପରମ ଶ୍ରଦ୍ଧାରେ ଆଉଁସି ଦେଲେ ତା' ମୁଣ୍ଡ। ମାଇଁଙ୍କ କୋମଳ ସ୍ପର୍ଶ ମମତା ଛାତିରେ ସୃଷ୍ଟି କରିପକାଇଲା ଅଜସ୍ର କୋହ।

ଦୀର୍ଘଦିନ ହେଲାଣି ଗଭୀର ମନଧ୍ୟାନ ସହକାରେ ମମତା ଲକ୍ଷ୍ୟ କରୁଛି ଏକଥା। ମାମୁଁ ମାଇଁ ଦି' ପ୍ରାଣୀ। ଦୁଇଟି ଝିଅ, ଗୋଟିଏ ପୁଅ। ବଡଝିଅ ରିଙ୍କି ବାହାହୋଇ ତା'ଘର ସଂସାରରେ ବ୍ୟସ୍ତ। ଝିଅ ସୁଖରେ ଅଛି ଜାଣି ବାପା ମା' ବି ଶାନ୍ତିରେ ଦିନ କାଟୁଛନ୍ତି।

ତା ତଳ ଝିଅ ପିଙ୍କି କଲେଜରେ ପଢୁଛି। ଏ ବର୍ଷ ବି.ଏ. ଶେଷବର୍ଷ। ମାମୁଁ କହୁଥିଲେ ଏ ବର୍ଷ ତା'ର ବାହାଘର ଉଠେଇଦେବେ। ପିଙ୍କିଟା ଭାରି ଘରୁଆ। ସକାଳୁ ଉଠି, ନିତ୍ୟକର୍ମ ସାରି ମା'ଙ୍କୁ ସାହାଯ୍ୟ କରେ ନାନା କାମରେ। ଘଣ୍ଟାଏ ଖଣ୍ଡେ ପାଠପଢ଼େ। ଦିନ ଦଶଟା ସୁଦ୍ଧା ବାହାରିଯାଏ କଲେଜ। ଫେରେ ଅପରାହ୍ନ ଚାରିଟା ସୁଦ୍ଧା, ହସହସ ମୁହଁ ନେଇ। ସଂଧ୍ୟାବେଳକୁ ମା'ର କାମରେ ହାତଦିଏ। ପଢ଼େ ଏବଂ ଏକ ପରିପୂର୍ଣ୍ଣତାର ମନ ନେଇ ଶୋଇପଡ଼େ।

ସବା ସାନପୁଅ ପ୍ରଣବର ନବମ ଶ୍ରେଣୀ। ଭାରି ଭଲ ପଢ଼େ। ଶ୍ରେଣୀରେ ପ୍ରଥମ ହୁଏ। ମାମୁଁ ଅଫିସ୍ ଯିବା ସମୟରେ ତାକୁ ସ୍କୁଲରେ ଛାଡନ୍ତି ଏବଂ ଫେରିବା ବାଟରେ ନେଇ ଆସନ୍ତି ସାଢ଼େ ଚାରି ପାଞ୍ଚଟା ବେଳକୁ। ଦିନ ଦି'ଟା ସୁଦ୍ଧା ରୋଷେଇବାସ ସାରି ସ୍ୱାମୀ ଓ ପିଲାମାନଙ୍କୁ ଖାଇବାକୁ ବାଢ଼ି ଦିଅନ୍ତି ମାଇଁ। ସମସ୍ତଙ୍କ ହାତକୁ ଡ୍ରେସ୍ ଜୋତା ଓ ପାଣି ବୋତଲ ବଢ଼ାଇ ଦିଅନ୍ତି। ବଢ଼ାଇ ଦିଅନ୍ତି ଟିଫିନ୍ ବାକ୍ସ। ସମସ୍ତେ ଯିବା ପରେ ଘରର ବାକି କାମତକ ସାରି ପ୍ରଣତୀ ଦେବୀ ଓ ମମତାଙ୍କ ସହିତ ଖାଇ ବସନ୍ତି। ଖରାବେଳେ ଘଣ୍ଟାଏ ଶୋଇ ଟିଭିରୁ ଓଡ଼ିଆ ଫିଲ୍ମ କି ସିରିୟଲ୍ ଦେଖନ୍ତି ଏବଂ ଅପରାହ୍ନ ବେଳକୁ ପୁଣି ତତ୍ପର ହୋଇ ଉଠନ୍ତି ସ୍ୱାମୀ ଓ ପିଲାମାନଙ୍କ ପାଇଁ। ଏକ ମୁଗ୍ଧ ମାନସିକତା ନେଇ ଅପେକ୍ଷା କରନ୍ତି ସ୍କୁଲ କଲେଜ ଫେରନ୍ତା ପୁଅଝିଅ ଏବଂ ଅଫିସ୍ ଫେରନ୍ତା ସ୍ୱାମୀଙ୍କୁ।

ସଂଧ୍ୟା ବେଳକୁ ଉତ୍ସବ ମୁଖରିତ ହୋଇଯାଏ ସେ ଘର। ଏକ ପରିପୂର୍ଣ୍ଣ ଭାବର ବିଭୋରପଣ ଉଛୁଳି ପଡୁଥାଏ ଘରର ଛୋଟବଡ ସମସ୍ତ ସଦସ୍ୟଙ୍କ ମୁହଁରୁ। ନାହିଁନଥିବା ତୃପ୍ତି ଓ ଆନନ୍ଦର ଝଲକ ବିଚ୍ଛୁରିତ ହେଉଥାଏ ଜଣକ ଠାରୁ ଅନ୍ୟ ଜଣକ ପାଖକୁ। ମାମୁଁଙ୍କ ସବୁ କଥାର ଉତ୍ତର ମାଇଁ ଦିଅନ୍ତି ହସ ହସ ମୁହଁରେ। ମାଇଁଙ୍କ ପ୍ରତିଟି କଥା ମାମୁଁ ଶୁଣନ୍ତି ପ୍ରଚୁର ଆଗ୍ରହ ଓ ଶ୍ରଦ୍ଧାର ସହ।

ବିଶାଳତା, ଉଦାରତା ଆଉ ସମର୍ପଣ ଭାବର ଡଙ୍ଗା ଉପରେ ବସି ଆତଜାତ ହେଉଥା'ନ୍ତି ସେ ଘରର ମଣିଷମାନେ।

ମାମୁଁ ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀ। ଦୁଇଟି ବଢ଼ିଲା, ପାଠପଢ଼ିବା ପିଲା। ସହରର ମହଙ୍ଗା ବଜାରରେ ତାଙ୍କର ସବୁବେଳେ ଗୋଟେ ନାହିଁ ନାହିଁର ସଂସାର। ହେଲେ ସବୁ ନାହିଁ ନାହିଁ ଭିତରେ ସତେ ଯେପରି ଖୁନ୍ଦି ହୋଇ ରହିଥାଏ ପରିପୂର୍ଣ୍ଣତା। ପାର୍ଥିବ ଅଭାବ କେବେ ପ୍ରତିବନ୍ଧକ ହୋଇ ଠିଆ ହୋଇନାଇଁ ତାଙ୍କ ସୁଖର ସଂସାର ସାମ୍ନାରେ। ଅନ୍ତରାୟ ସୃଷ୍ଟି କରି ନାଇଁ ତାଙ୍କ ତିରିଶ୍ ବର୍ଷର ଦାମ୍ପତ୍ୟ ଜୀବନରେ।

ସେଦିନ ସଂଧ୍ୟାବେଳେ ପ୍ରଣତୀଦେବୀ ଯାଇଥିଲେ ମନ୍ଦିରକୁ। ମମତା ବାରନ୍ଦାରେ ବସି ପଢୁଥିଲା ଗୋଟେ ସାପ୍ତାହିକୀ। ଶୁଭିଲା ମାମୁଁଙ୍କ କଣ୍ଠସ୍ୱର। ମାଇଁଙ୍କୁ କହୁଥିଲେ- "ଦେଖ, ଅପା ଓ ମମତା କଥା ଠିକ୍ ଠିକ୍ ବୁଝୁଥିବ। ତାଙ୍କ ମନରେ ଦୁଃଖ ଦେବାପରି ପଦଟିଏ କଥା ଯେପରି ତୁମ ମୁହଁରୁ ନବାହାରେ! ସହଜେ ତ ଠାକୁର ତାଙ୍କୁ ଅନେକ କଷ୍ଟ ଦେଇଛନ୍ତି!

ମାଇଁ କାନ୍ଦି ପକାଇଲେ। କାନ୍ଦି କାନ୍ଦି କହିଲେ- "ଏତେ ଦିନର ଘରକରଣା ଭିତରେ ତମେ ତେବେ ମତେ ଏୟା ଭାବିଲ? ତମେ କେମିତି ଭାବି ପାରିଲ ଯେ ମୁଁ ଅପା କି ମମତା ମନରେ ଦୁଃଖ ଦେବାପରି କଥା କହିବି? ମୋ ଦୁଇଝିଅଙ୍କ ପରି ମମତା ଯେ ମୋର ଆଉ ଗୋଟିଏ ଝିଅ...।"

ବିଗଳିତ ହୋଇପଡିଲା ମମତା। ମାଇଁର ଏ କଥା କେଇପଦ ତା'ହୃଦୟରେ ସୃଷ୍ଟିକଲା ଏକ ଅନନ୍ୟ ଝଙ୍କାର। କେତେ ଉଦାର ହୃଦୟର ସ୍ତ୍ରୀ ଲୋକଟିଏ ସତେ ମାଇଁ! ସତେ ଅବା ସ୍ନେହ ମମତାର ଏକ ମୂର୍ତ୍ତିମନ୍ତ ଅବତାର।

ନିଜ ଭିତରକୁ ଚାହିଁଲା ମମତା ଜୀବନରେ ପ୍ରଥମଥର ପାଇଁ। କେହି ଜଣେ ତା' ଭିତରୁ କର୍କଶ କଣ୍ଠରେ ଅଟ୍ଟହାସ୍ୟ କଲା- ତୁ କିଏ ମମତା? କ'ଣ ତୋର ପରିଚୟ? କହ, ଛବିଶ୍ ବର୍ଷର ପରମାୟୁ ଭିତରେ, କେଉଁ ଜଣକର କାମରେ ତୁ ଆସି ପାରିଛୁ? କାମରେ ଆସିବା ତ ଦୂରର କଥା, କାହା ମନରେ ଫୁଣ୍ଟାଏ ସୁଖ ଦେବା ପରି କଥା ପଦେ କହିଛୁ କି କେବେ?

ଗରୀବ ବାପା ମା' ଭାଇ ଭଉଣୀର ପେଟ ଭୋକର ଓଜନକୁ ବୋହି ବୋହି ସହରରେ ରାହା ଖୋଜୁଥିବା ଯୁବକଟିକୁ ତା ପରିଚିତ ପୃଥିବୀ ଭିତରୁ ଟାଣିଆଣି, ତା' ଜୀବନ ଶକ୍ତିକୁ ଅକ୍ଟୋପସ୍ ପରି ଶୋଷି ଶୋଷି, ତାକୁ ନିର୍ଜୀବ କରି ଫୋପାଡି ଦେଲୁ! କେତେ ଆଶା କରିନଥିବେ ସତେ ତା' ଗରିବ ବାପା ମା'! ପୁଅ ବାହାହେବ। ସୁନାନାକୀ ବୋହୂ ଆସିବ ପାଦରେ ଅଳତା ଲଗାଇ, ମୁଣ୍ଡରେ ଓଢ଼ଣା ଟାଣି। ଘର ପୂରି ଉଠିବ ତା' ପାଉଁଜି ଲଗା ରୁଣୁଝୁଣୁ ଶବ୍ଦରେ! ଥୁରୁଥୁରୁ ହାତରୁ ଛଡ଼ାଇନେବ ଯାବତୀୟ କାମ।

ହେଲେ ସେମାନେ ପାଇଲେ କ'ଣ? କାଇଁକି ଭାଙ୍ଗିଦେଲୁ ସେମାନଙ୍କ ସ୍ୱପ୍ନ? କାଇଁକି ଚୁରୁମାର୍ କରିଦେଲୁ ସେମାନଙ୍କର ବଞ୍ଚିବାର ଅବଲମ୍ବନ?

'ଯେଉଁ ଧନ ପ୍ରାଚୁର୍ଯ୍ୟ ବଳରେ ଅହଙ୍କାରର ପାହାଡ ଉପରେ ବସି ମଣିଷକୁ ପୋକ ମାଛି ପରି ଦେଖୁଥିଲୁ, କୁଆଡେ ଗଲା ସେସବୁ? ଡ୍ୟାଡି, ମମି... ଭାଇ... ଧନ...ଦୌଲତ୍!! କେହି ଅଛନ୍ତି ତୋ ପାଖରେ? ବିପଦ ସମୟରେ କେହି ପିଠିରେ ପଡନ୍ତିନିରେ ବାୟାଣୀ...।

"ତୁ ନାରୀଟିଏ। ସ୍ୱାମୀ ସନ୍ତାନ, ଘରକରଣା ଭିତରେ ନାରୀ ଜନ୍ମ ସାର୍ଥକ। ତୋ ଜନ୍ମ କେତେଦୂର ସାର୍ଥକ? ଥରେ ଦେଖ୍ ତୋ ମାଇଁକୁ। କିଛି ନାହିଁ ନାହିଁ ଭିତରେ ସବୁ କିଛି ଅଛିର ଝଲକରେ ଉଦ୍‌ଭାସିତ ହେଉଥିବା ତାଙ୍କ ମୁହଁକୁ ଦେଖ୍। ନିର୍ମଳ ପ୍ରଶାନ୍ତିରେ ଭରପୁର ତାଙ୍କ ବିଶାଳ ହୃଦୟକୁ କଳନା କର। ଜାଣିବୁ, ନାରୀ ଜୀବନର ସାର୍ଥକତା କେଉଁଠି?

(କ୍ରମଶଃ)



## ବିଶେଷ କବିତା

# ମାସ୍କ ଓ ମାୟା



**ରକ୍ଷକ ନାୟକ**

ଆୟୁଧ ନୁହେଁ
ଅଳଙ୍କାର ଭଳି ଶୋଭା ପାଉଛି ମାସ୍କ
ତୁମ ମୁହଁରେ।
ଖୁବ୍ ସୁନ୍ଦର ଦିଶୁଛ ତୁମେ
ଦିଗଜ ଦୂରତାରେ।
ଗଣୁଛକି ପ୍ରତିଟି ନିଃଶ୍ୱାସ ପ୍ରଶ୍ୱାସ
ସାଧିକାର ପୂତ ସ୍ନିଗ୍ଧତା'ରେ
ଝଲସି ଉଠୁଛି ତୁମ ଚଉହଦି
କାଳର ଏ କରୁଣ ବେଳାରେ।
ଏ ରଙ୍ଗର ମାସ୍କ କେଉଁଠୁ ପାଇଲ?
ଏ ଭଳି ରଙ୍ଗ ତ କେବେ ଦେଖିନି
ନା ଆଖିରେ ନା କଳ୍ପନାରେ!
ସେ ରଙ୍ଗରେ ଯେମିତି ପହଁରୁଛି
ଆକାଶ, ତା'ର ସାରା ଅତୀତକୁ ନେଇ
ସୃଷ୍ଟି ସ୍ଥିତି ବିଲୟର ବର୍ଣ୍ଣ ବିଭବ
ଥପରୂପ ରାଗ ଅନୁରାଗ।
ମାସ୍କ ଉପରେ ଦୁଇଟି ଆଖି
ଯେମିତି ପ୍ରଥମେ ଦେଖିଲି;
ଆଖି ଏତେ ଗଭୀର ଓ ସୁନ୍ଦର ହେଇପାରେ
କେବେବି ଦେଖିନି, କୋଉଠି
ପୁରାଣରେ କି କାବ୍ୟ କବିତାରେ।
ଯେବେବି ପାଇଛି ତୁମକୁ
ସବୁବେଳେ ପାଖରେ, ଅତି ନିକଟରେ
ଉପୁଜାଇଛେ ଗୋଟିଏ ଛାଇ
ଦୂରତ୍ୱକୁ ହତ୍ୟା କରି
ତୁମକୁ ଅଜାଡ଼ି ଦେଇଛି
ପ୍ରପାତ ପରି
ମୋ ଶିଳା ବୁକୁରେ।
ହୁଏତ ବେଶୀ କଳ୍ପନାରେ।
ସତ ଆଉ କଳ୍ପନା
ତ ମୋ ପାଇଁ ସମାର୍ଥବୋଧକ ଶବ୍ଦ
ଏଯାବତ୍।
ଆଜି ତୁମକୁ ଟିକେ ଦୂରତାରେ ଥାପି
ମୁଁ ତୁମ ଲାବଣ୍ୟର ଲାଭାରେ
ପୋଡି ଦେଉଛି ନିଜକୁ
ମୋକ୍ଷ ପ୍ରାୟ ଆନନ୍ଦରେ।
କେବେ ସମୟ ସୁଗମ
ହେବ କେଜାଣି!
ତାଲା ଖୋଲିବ ପୃଥିବୀର!
କିନ୍ତୁ ସବୁବେଳେ ତୁମକୁ ଚାହିଁବି
ଏଇପି, ମୋ ଛାଇର ପରିଧି
ଉପରେ।
ମାସ୍କ ସତେ କିମାୟା
ଲଗାଇ ଦେଲାରେ!

*ରାଜଭବନ, ଭୁବନେଶ୍ୱର-୮*
*ଦୂରଭାଷ : ୯୪୩୭୧୭୧୪୪୦*

# ତାଳଗାଥା

**ଚିନ୍ମୟ ରାୟ**

ତୁମ ଦାନରେ ଭରିଛି ଜ୍ଞାନଭଣ୍ଡାର
ତିଆରି ହୋଇଛି ଭକ୍ତ-ମନ୍ଦିର : ଭାଗ'ତ ଘର
ଖଟୁଲିରେ ପୂଜାପାଏ ପୋଥିସମ୍ଭାର
କବିମନ, କବିତୁଣ୍ଡ ସିନା ଶବ୍ଦରେ ଝୁଲୁଥାଏ
(କିନ୍ତୁ) ସେଇ ସମୟରେ ଲିପିବଦ୍ଧ ହେଉଥିଲା ସବୁକିଛି
ଲେଖନୀ ମୂନରେ... ତୁମରି ପତ୍ର ଦାନରେ
ନିଦାଘର ଉଷ୍ମତା ଶୀତଳହୁଏ ତୁମ ପବନରେ
ତୃଷା ନିର୍ବାରିତ ହୁଏ ସଜକଟା ପାଣି ଟିକକରେ
ତୁମେ ଚଟେଇ ହୁଅ, ପୁଣି ଭୋଗେଇ ହୁଅ
ଗାଁ-ମନ୍ଦିରରେ... ତୁମେ ହାତୀଆଳ ହୋଇ
ମନ ଅନ୍ତରକୁ ଦମ୍ଭଦିଅ ଗାଁ-ଚାଳଘର ନିର୍ମାଣରେ
ଗୁଡ ହେଉ, ପିଠା ହେଉ ହେଉବା କୁଆଁର ପୁନିଅଁ
ଭୋଗ ଡାଲାରେ ଚାନ୍ଦ ଚକଟାରେ ତାଳଗଜା
କି ମଧୁର ସ୍ୱାଦ ଭରୁଥାଏ ବାରମ୍ବାର
କେତେବାର ବିଦ୍ୟୁତ୍‌କୁ ସମ୍ଭାଳି
ନିଜେ ଜଳିଯାଇ, ବଞ୍ଚାଇଛ ପ୍ରାଣ
ଲୋକକୁହା:ବଡଘଡଘଡି ତାଳଗଛ ପୋଡିଦେବା
ଗଛ ମାଟିରୁ, ବିଦ୍ୟୁତ୍ ଆକାଶରୁ
ଭ୍ରଷ୍ଟଯୋଗ କରେ ସଂହାର
ତୁମେ ମରି ଅନେକବାର ବଞ୍ଚାଇପାର
ବର୍ଷା ବର୍ଷା, ବଢ଼ି ବର୍ଷା ସେବେଳେ
କଉମାଛ ଗୋଟି ଗୋଟି ହୋଇ
ତୁମ ଗଣ୍ଡିରେ ଚଢ଼ିଯାଇ ଛୁଅଁନ୍ତି ଶିର ତୁମର
କି ଲୀଳା ପ୍ରକୃତିର
ଏହା ମାତ୍ସର୍ଯ୍ୟ ନୁହେଁ .. ଔଦାର୍ଯ୍ୟ ତୁମର
ତୁମେ ସୁଷମା ବହୁ ଉଚ୍ଚତାର
ଶିଳ୍ପୀର ଚିତ୍ରରେ ଅବା କ୍ୟାମେରାରେ
ତୁମେ ଝୁଲାଉଥାଅ ବାଇଆବସାକୁ
ଧୀର ସମୀରେ ... କେବେ ଝଡବତାସରେ
ତୁ ତୁ ବର୍ଷା ବେଳେ ମୁକୁଳା ବିଲରେ
ଚାଷୀକୁ ପକ୍ଷିଆ ଘୋଡାଇ ଦିଅ
ପୁଣି ବରଡା ତୁମର ଗାଁ-ହାଟପିଣ୍ଡିର ଛାତହୁଏ ବରଷାରେ
ପ୍ରକୃତିର ଅବଦାନ ହୁଅ ବା ଆମ ପାଇଁ ତୁମେ ଈଶ୍ୱରଙ୍କର
ଆୟୋଜନ, ତୁମେ ଏକ ଅଲିଖିତ ମହାନତା
କାଳ... କାଳାନ୍ତର
ସଂଯୋଗରେଖା ଆମ ମାଟି ସହିତ
ଦୂର ଆକାଶର... ହଁ... ଦୂର ଆକାଶର।

*ଅଧ୍ୟାପକ*
*ବିଜେବି କଲେଜ, ଭୁବନେଶ୍ୱର*
*ଦୂରଭାଷ : ୭୬୦୮୯୯୦୫୮୩*

# ମୁଁ ସରିଗଲା ପରେ



**ଡ. ମୌସୁମୀ ପରିଡା**

ମୁଁ ନଥାଏ ତା' ପ୍ରଶ୍ୱାସରେ
ତେବେ ବି ସେ ସ୍ୱପ୍ନ ଦେହରେ ଡେଣା ଯୋଡି
ଆକାଶରେ ଉଡାଏ!
ମୁଁ ନଥାଏ ତା' ଲୁହରେ
ତେବେ ସେ ମୋତେ ଅବଶୋଷର ମାଳା କରି
ଲମ୍ବେଇଥାଏ ଗଳାରେ...!
ସେ ହଜାଇ ଆସେ ମତେ
କିଛି କିଛି ପ୍ରାପ୍ତିଙ୍କ ଭିଡ଼ରେ...!
ସେତେବେଳଠୁ ମୁଁ ମରିସାରିଥାଏ।
ମିଶି ସାରିଥାଏ କ୍ଷିତି ଆପ ତେଜ୍ ମରୁତ୍ ବ୍ୟୋମରେ...
ସେ ଯେବେ ପାହାଡ ଚଢ଼େ,
ପାଚେରି ଡେଇଁ, ସୁନା ମିରିଗ ମୋହରେ ନିଜକୁ ଭୁଲେ!!
ଆକାଶ ଛୁଇଁବାର ମୋହ ଯେବେ ତାକୁ
କଚାଡି ଦିଏ ତଳେ,
ପାହାଡ ଚଢ଼ିବାର ନିଶାରେ ଯେବେ କ୍ଷତାକ୍ତ ହୁଏ,
ମୁଖାପିନ୍ଧା ଲୋକଙ୍କ ଛଳନାରେ ଯେବେ ସେ ଲହୁଲୁହାଣ ହୁଏ,
ଅମୃତ ଫଳ ଯେବେଯେବେ ତା' ପାଇଁ ଜହର ସାବ୍ୟସ୍ତ ହୁଏ,
ମୋତେ ଖୋଜିହୁଏ ସେ!!
ମୁଁ ନଥାଏ କୋଉଠି ବି...
ତେବେ ବି ସେ ନୀଡ ରଚେ ବାଲିରେ, ପବନର କାନ୍ଧ ଉପରେ
ଆକାଶର ଛାତ ଖଞ୍ଜେ
ମୋ ଅବର୍ତ୍ତମାନରେ ଶୂନ୍ୟତାରୁ ମୋତେ ହିଁ ଖୋଜେ।
ମୁଁ ନିଆଁରେ ଧୁ' ଧୁ' ଜଳୁଥିବା ବେଳେ ସେ ହାତ ସେକେ।
ମୁଁ ପାଣିରେ ବୋହିଗଲା ବେଳେ ସେ ତା' ମନର ମଇଳା ଧୁଏ।
ମୁଁ ପବନରେ ଉଭେଇଲା ବେଳେ ସେ କ୍ଳାନ୍ତି ମେଣ୍ଟାଏ।
ତା' ଅଭାବରେ ମୁଁ!
ତା' ବିଷାଦରେ ମୁଁ!
ତା' ଅପ୍ରାପ୍ତିରେ ବି ମୁଁ!
ତା' ହଜାର 'ହଁ' ଭିତରେ ଗୋଟେ 'ନା' ମୁଁ...!
ତେବେ ବି ସେ କହେ ସେ ମୋ ପ୍ରେମରେ...
ମୁଁ କାଳେ ତା' ପ୍ରାର୍ଥନାରେ!!

*ମାର୍ଫତ : ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ,*
*କ୍ୱାର୍ଟର ନଂ.୩ଆର/୪, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜଗତସିଂହପୁର*

# ସେଇ ଅନ୍ଧାର ରାତିରେ

**ବିଜୟ କୁମାର ପଣ୍ଡା**



**ଗ**ରିବ ପରିବାରରେ ଜନ୍ମ ବୁବୁର। ବିଧବା ମା', ବଡ ଭଉଣୀକୁ ନେଇ ଛୋଟ ସଂସାର। ଗାଁର ଧୂଳି ଖେଳ, ସାଙ୍ଗସାଥୀଙ୍କ ସଙ୍ଗେ ମିଶି ନଈ ପହଁରା, ଗୋଟି ଖେଳ ଆଦିରେ ପିଲାଦିନ କଟିଯାଇଥିଲା। ପିଲାବେଳୁ ବୁବୁ ମେଧାବୀ ଛାତ୍ର ଥିଲା, ସେଥିପାଇଁ ଗାଁ ସ୍କୁଲ, ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶିକ୍ଷକମାନଙ୍କ ସହାୟତା ତଥା ବିନା ଶୁଳ୍କରେ ଟ୍ୟୁସନ ପାଇ ମାଟ୍ରିକ ପରୀକ୍ଷାରେ ୯୦% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲା। ଯୁକ୍ତ-୨ ପରେ ମେଡିକାଲ ଏଣ୍ଟ୍ରାନ୍ସରେ ବି କୃତକାର୍ଯ୍ୟ ହୋଇଥିଲା। ପଛୁଆ ବର୍ଗ ମେଧାବୀ ପିଲାଙ୍କ ପାଇଁ ଧାର୍ଯ୍ୟ ସ୍କଲାରସିପ ଦ୍ୱାରା ଦୂର ସହରରେ ମେଡିକାଲ କଲେଜ ପାଠପଢ଼ା ଆରମ୍ଭ କରିଥିଲା। ବଡ ଭଉଣୀର ବାହାଘର ହୋଇଯାଇଥାଏ। ବୋଉଟି ତାର ପୁଅ ଝିଅ ଦୁହିଁଙ୍କୁ ପାଖରେ ନପାଇ ଟିକେ ଭାଙ୍ଗି ଯାଇଥିଲା। ପୁଅ ତା'ର ପାଠପଢ଼ା ସାରି ଡାକ୍ତର ହେବ। ଈଶ୍ୱରଙ୍କ କୃପାରୁ ଯଦି ଗାଁ ପାଖ ମେଡିକାଲରେ ଚାକିରି ପାଇଯିବ ତା'ହେଲେ ଦଶଖଣ୍ଡ ଗାଁ ଲୋକଙ୍କ ସେବା କରିବ ଏମିତି କେତେ ସପନ ଦେଖୁଥାଏ।

ପ୍ରବଳ ଈଶ୍ୱରଙ୍କ ବିଶ୍ୱାସୀ ସେ, ଜଗା ଉପରେ ଭରସାକରି ପୁଅର ପାଠପଢ଼ା ଶେଷ ହେବା ଦିନକୁ ଚାହିଁ ରହିଥାଏ। ସକାଳର ସୁରୁଜ ଉଇଁବା ପରଠୁଁ କେଉଁଠି କ୍ଷଣିକ ବସେନି। ଘର ଦୁଆର ଲିପା ପୋଛା, ବାସନ ମଜା, ଗାଧୁଆ ପାଧୁଆ, ଠାକୁର ପୂଜା ଏସବୁ ସାତଟା ପୂର୍ବରୁ ସାରିଦେଇ କ୍ଷେତ ବାଡି କାମରେ ଲାଗିଯାଏ। ସେଦିନ ଝିଅ ଜ୍ୱାଇଁ ଘରକୁ ବୁଲି ଆସିଥିଲେ। ଝିଅ ସହ କଥା ହେଉ ହେଉ ସେ ଆଭାସ ପାଇ ଯାଇଥିଲା ଯେ, ବୁବୁ ତାର କ୍ଲାସରେ ପଢୁଥିବା ଜଣେ ବଡ ଲୋକ ଝିଅକୁ ଭଲପାଉଛି। ମନରେ ତାର ବଡ ଆଶଙ୍କା, ଆମ ଭଳି ସାଧାରଣ ମଣିଷ ମାନେ ବଡ ଲୋକଙ୍କ ସମକକ୍ଷ! କାହିଁକି ପୁଅଟା ଏମିତି ଭୁଲ କରୁଛି? ଦୀର୍ଘ ଛ' ମାସପରେ ପୁଅ ଥରେ ଗାଁକୁ ବୁଲି ଆସିଥିଲା। କେବେ ଟଙ୍କା ପଇସା ନ ମାଗିବା ପିଲା ବୁବୁ ସେଥର ମା'କୁ କିଛି ଟଙ୍କା ମାଗିଥିଲା।

"ପୁଅର ପାଠପଢ଼ାରେ କିଛି ଅସୁବିଧା ନହେଉ..." ଏଣୁ ମା' କିଛି କାରଣ ନ ପଚାରି ବଢ଼ାଇ ଦେଇଥିଲା ବର୍ଷଯାକ ସଞ୍ଚୟ କରି ରଖିଥିବା ଟଙ୍କା ତକ। ପାଠପଢ଼ା, ପ୍ରାକ୍ଟିକାଲ ଲାବ, ଆସାଇନମେଣ୍ଟ ଆଦି ସବୁଥିରେ ବୁବୁ ଥାଏ ଆଗରେ। ଆଉ ସେଥିପାଇଁ ବୋଧେ ସାଙ୍ଗସାଥୀମାନେ ବହୁତ ଆଦର କରନ୍ତି ତାକୁ। ସେଇଠୁ ଆରମ୍ଭ ହୋଇଥିଲା ଲୁସି ସହ ସମ୍ପର୍କ। ଲୁସି ବୁବୁକୁ ତାର ସବୁ ଆସାଇନମେଣ୍ଟ ଲେଖିବାକୁ ଦେଇଦିଏ। ବୁବୁର ସବୁ ନୋଟ୍ସ ବି ଆଗେ ଲୁସି ପାଖେ ପହଞ୍ଚେ ଆଉ ତାପରେ ଅନ୍ୟ କାହା ପାଖେ ଜେରକ୍ସ ହୋଇ। ସାଥୀ ହୋଇ ଲାବ ପ୍ରାକ୍ଟିକାଲ, କ୍ଲାସ, ଅଡିଟୋରିଅମ... ଲାଗିଯାଇଥିଲା ସମ୍ପର୍କର ଡୋରୀ। ଦୁହେଁ ଦୁହିଁଙ୍କର ନିବିଡ ହୋଇଯାଇଥିଲେ।

ଗାଁରୁ ଫେରି ଲୁସି ପାଇଁ ଏକ ପେଣ୍ଡାଣ୍ଟ ଗିଫ୍ଟ ଧରି ହଷ୍ଟେଲରେ ପହଞ୍ଚିଲା। ଏଥର ବୁବୁ ଆଉ ଲୁସିର ସେକ୍ସନ ଅଲଗା ହୋଇଯାଇଥିଲା। ତେଣୁ ସିଧା ସଳଖ ଲାବ ପ୍ରାକ୍ଟିକାଲ ହଲକୁ ଚାଲିଯାଇଥିଲା ବୁବୁ ଲାବ ପ୍ରାକ୍ଟିକାଲ ସାରି ସମସ୍ତେ ଫେରିଯାଇଥିଲେ। ରାତି ହେଇଯାଇଥିଲା, ପ୍ରାକ୍ଟିକାଲ ସାରିବା ପରେ ଲାବରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଧ୍ୟାନ ଦେଇ ନୋଟ୍ସରେ ଲେଖାଲେଖି କରୁଥାଏ ବୁବୁ। ହଠାତ ଗୋଟିଏ ଝିଅର ହସ ଶୁଣି ଧ୍ୟାନ ହଟିଲା ବୁବୁର। ଝରକା ଦେଇ ବାହାର ଆଡକୁ ନିରେଖି ଚାହିଁଲା ବୁବୁ। କିଟିକିଟି ଅନ୍ଧାର, କାହିଁ କିଛି ଦିଶୁ ନଥିଲା, ନଜର ଫେରେଇ ପୁଣି ନୋଟ୍ସ ଲେଖିବାରେ ଧ୍ୟାନ ଦେଲା ବୁବୁ।


ଲାବର ପଛ ପଟକୁ ଘଞ୍ଚ ଗଛଲତା ଥାଇ ଛୋଟିଆ ଜଙ୍ଗଲ ଭଳି ଜାଗାଟିଏ ଥାଏ। ଲାବରୁ ସେ ଜାଗା ମଧ୍ୟରେ ମାତ୍ର ଗୋଟିଏ ଷ୍ଟ୍ରିଟ୍ ଲାଇଟ। କିଛି ସମୟ ପରେ ପୁଣି ପୂର୍ବ ପ୍ରକାର ହସ ଶୁଣି ଏଥର ମନରେ ସନ୍ଦେହ ଆସିଲା ବୁବୁର। ବ୍ୟାଗ ଧରି ଲାବରୁ ବାହାରକୁ ବାହାରିଗଲା। ଶବ୍ଦକୁ ଅନୁସରଣ କରି ଲାବ ପଛପଟ ରାସ୍ତାରେ ଆଗେଇବାକୁ ଲାଗିଲା। କିଛି ପାଦ ଗଲାପରେ ସେ ଲୁସିର ସାଙ୍ଗ ମିନକୁ ଦେଖି ଟିକେ ଆଶ୍ୱସ୍ତ ହେଲା, କିନ୍ତୁ ମନେ ମନେ ଭାବୁଥିଲା ରାତିରେ ଏକୁଟିଆ ଏ ଏଠି କଣ କରୁଛି।

କିଛି ଦୂର ଗଲାପରେ ମିନୁ ହଠାତ ରାସ୍ତା ମଝିଟାରେ ବସି ପଡିଲା। "ଏ ମିନୁ...। ତୁ ରାତିରେ ଏକୁଟିଆ ଏଠି କଣ କରୁଛୁ? ଆଉ ଲୁସି କୁଆଡେ ଗଲା? ତୁମେ ଦୁହେଁ ତ କଲେଜରେ ପ୍ରାୟ ସମୟରେ ସାଥିରେ ଥାଅ।"

ଏଥର ହସ ପରିବର୍ତ୍ତେ ଧିରେ ଧିରେ କାନ୍ଦ ଶୁଭିବାକୁ ଲାଗିଲା। ମିନୁ କହିଲା "ଲୁସି କଥା କଣ ତୁ ଜାଣିନୁ?" "ନାହିଁ, ମୁଁ ତ ଗାଁରୁ ଫେରି ସିଧା କଲେଜ ପହଞ୍ଚିଲି। ତା ଛଡା ଲୁସିର ଆଉ ମୋର ସେକ୍ସନ ଅଲଗା ହେଇଯାଇଛି ଏଇ ସେମିଷ୍ଟରରେ...।" "ଜଲଦି ଯା.. ଲୁସି କା ବୁଝିବୁ ଶୀଘ୍ର ଯା। ମୁଁ ଆସୁଛି..." କହି ମିନୁ ଜୋର ଜୋରରେ ପାଦ ଉଠେଇ ଲାବ ରାସ୍ତା ଦେଇ କଲେଜ ଆଡକୁ ଚାଲିବାକୁ ଲାଗିଲା। ଦେଖୁ ଦେଖୁ ସେ କଲେଜ ଭିତରକୁ ଯାଇ କୁଆଡେ ଉଭାନ ହେଇଗଲା ଯେମିତି। ବୁବୁ ତା ପିଛା କରି କଲେଜ ସାରା ଆସି ଖୋଜି ଖୋଜି ବଫଳ ହେଲା...।

(କ୍ରମଶଃ)

*ସବଙ୍ଗ, ସିମୁଳିଆ, ବାଲେଶ୍ୱର*



# ଜାତୀୟ କବି- ସଂଗ୍ରାମୀ ବୀର କିଶୋର



ଅକ୍ଷୟ କୁମାର ରାଉତ

ଦେଶ ପରାଧିନ, ଗୋରା ଶାସନର ଚାବୁକ ପ୍ରହାର ଖାଇ ମନୁଷ୍ୟ ବଂଚୁଥାଏ। ସମାଜର ବଡପଣ୍ଡାମାନଙ୍କ ହସ୍ତରେ ଶସନର ଡୋରୀ। ଡୋରୀକୁ ଧରି ବସିଥାଆନ୍ତି ନିଷ୍ଠୁର ଅର୍ଥ ଲୋଭି ବ୍ୟକ୍ତି। ପରଧନ ଆଉ ପର ସ୍ତ୍ରୀ ଥିଲା ସେମାନଙ୍କ ଲାଗି ସୁଖର ପସରା। ଇଂରେଜମାନଙ୍କର ଅନ୍ୟାୟ ଶାସନରେ ଲୋକମାନେ ଖୁବ୍ ଅତ୍ୟାଚାରିତ। ଏହି ସମୟରେ ହରିହରପୁର(ଜଗତସିଂହପୁର) ଦେଇ ବହି ଯାଉଥାଏ ଅଳକା ନଦୀ। ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଙ୍ଗ। ଏହି ଗାଁ ର ଗୋପାଳ ଚନ୍ଦ୍ର ଓ ପଦ୍ମାବତୀଙ୍କ କୋଳ ମଣ୍ଡନ କରି ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ ସୋମବାର ଦିନ ଜନ୍ମ ନେଲେ କବି ବୀରବିଶୋର। ପିତା ମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ।

ଗାଁ ର ନରହରି ଦାସଙ୍କ ଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢି ଥିଲେ ବୀରକିଶୋର। ପିତା ଗୋପାଳ ଚନ୍ଦ୍ର ପୁଅକୁ ବଡ ମଣିଷ କରିବା ପାଇଁ କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇ ଦେଲେ। ପରବର୍ତ୍ତୀ କାଳରେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟାପିଠ' ନାମରେ ନାମିତ ହେଲା। ଭକ୍ତ ବକି ମଧୁସୂଦନ ରାଓ ସେ ସ୍କୁଲର ସେକ୍ରେଟାରୀ ଥିଲେ। ଭକ୍ତ କବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ ଜଣେ ବଡ କବି ହେବ। ଟାଉନ୍ ଭିକ୍ଟୋରିଆରୁ ମାଟ୍ରିକ ପାସ କରି ବୀରକିଶୋର ରେଭେନ୍ସା କଲେଜରେ ପାଠ ପଢିଲେ। ମେସ୍‌ରେ କବି ନାରାୟଣ ମୋହନ ଦେ ଙ୍କ ଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଷୋଳ ବର୍ଷ ବୟସରେ ସେ ଦୁବଘାସ ଉପରେ କାକର ଟୋପାସବୁ ପଡୁଥିବା ଦେଖି କବିତା ରଚନା କରିଥିଲେ। ମହାତ୍ମାଗାନ୍ଧି ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥାନ୍ତି। କଲେଜରେ ପଢୁଥିବା ବୀରକିଶୋରଙ୍କ ମନ ପରାଧିନ ଭାରତ ବର୍ଷ ପାଇଁ ଛଟପଟ ହେଉଥାଏ। ଜମିଦାରୀ ହରାଇଥିବା ବାପାଙ୍କର ଇଛା ପୁଅ ବଡ ଚାକିର କରିବ। ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପି.ଡବ୍ଲ୍ୟୁ.ଡି ରେ ମାସିକ ୫୫ଟଙ୍କା ଦରମାରେ ଚାକିରି କଲେ। ତାଙ୍କର ସାନ ଭାଇ ବାନାମ୍ବର ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ ସାରିଥାନ୍ତି। ସେ ସମୟ ରେ ଯେଉଁ ଛାତ୍ରମାନେ ଆନ୍ଦୋଳନରେ ମିଶୁ ଥାଆନ୍ତି,ସେମାନଙ୍କୁ 'ବାନରସେନା' କୁହାଯାଏ। ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିୱାନାବାଗ ହତ୍ୟା କାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା। ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟ କବିତା ଲେଖିବାକୁ ବାଧ୍ୟ କରିଥିଲା। ତାଙ୍କର ଏହି କବିତା ଗୁଡିକ କଟକର "ମୁକୁର ପ୍ରେସ" ରେ "ମୋହନବଂଶୀ" ନାମରେ ପ୍ରକାଶ ପାଇଲା। ବହିଟିର ଲେଖକ ଓ ପ୍ରକାଶକ ଛଦ୍ମନାମ ବାନାମ୍ବର ଓ ମୁଦ୍ରାକର ବି.ଏସ୍.ଦାସ ବୋଲି ରହିଲା। ତିନିଅଣା ଦାମ ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା। ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିତକ ବିକ୍ରି ହୋଇଯାଇଥିଲା। ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ। ଇସ୍ତଫା ପତ୍ରରେ ଲେଖିଲେ ' ଏ ଦୁର୍ବଳ ଅତ୍ୟାଚାରୀ ସରକାର ଅଧୀନରେ ମୁଁ ଆଉ ଚାକିରି ଚାହେଁନା' ମୁଁ ଯଦି ବଂଚିଥାଏ, ସ୍ୱାଧୀନ ସରକାର ଗଢାହେଲେ କିଛିଦିନ ଚାକିରି କରିବି।

ବୀରକିଶୋର ସରକାରୀ ଚାକିରି ଛାଡିବାର ଅଳ୍ପ କେତେ ଦିନ ପରେ ନୋଦା ଅଂଚଳର ଜମିଦାର ଧର୍ମାନନ୍ଦ ପଟ୍ଟନାୟକଙ୍କ ଝିଅ ଶାରଦା ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ ବୀରକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ବାନରସେନାଙ୍କ ମନବଳ ବଢାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖୁ ଥିଲେ। ବୀରକିଶୋରଙ୍କ ରଚିତ ଗୀତ ଗୁଡିକ ବିଭିନ୍ନ ସଭା, ସମିତିରେ ଗାୟନ କରାଗଲା ଓ ବାନର ସେନାମାନେ ତାଙ୍କ ଗୀତ ଗାଇ ଗାଇ ଗାଁ ଗହଳିରେ ବୁଲିଲେ-

ସାଜିଲେ ପିଲାଏ ବାନରସେନା
ବାହାରିଲେ ଧରି ତ୍ରିରଙ୍ଗାବାନା
ଖାଇଲେ ଗୋଇଠା ବେତ ପାହାର
ଦେଖିଲେ ସହିବ ଛାତି କାହାର
ଗୋରା ସରକାର ବନ୍ଧୁକ ଗୁଳି
କବିତା ଶକତି ତା' ଠାରୁ ବଳି।।

୧୯୩୦ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ "ଆଇନଅମାନ୍ୟ" ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା। ଗାନ୍ଧିଜୀ ଦାଣ୍ଡି ଯାତ୍ରା କଲେ। ସତ୍ୟାଗ୍ରହୀ ମାନେ ଓଡିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କାଠଯୋଡି ନଈ କୂଳରୁ ଇଂଚୁଡି ବାହାରିଲେ। ବୀରକିଶୋରଙ୍କ ରଚିତ 'ଦରିଆ ଦଖଲ କରିଯିବ କିଏ ଆସ" ଗୀତ ବୋଲି ବୋଲି ସତ୍ୟାଗ୍ରହୀ ମାନେ ଚାଲିଲେ। ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସତ୍ୟାଗ୍ରହୀ ମାନେ ସମୁଦ୍ରରୁ ଲୁଣ ମରା କାର୍ଯ୍ୟ ଆରମ୍ଭ କରିଦେଲେ। ଏହି ସମୟରେ ବୀରକିଶୋର ଯେଉଁ ସବୁ ଗୀତ ଲେଖିଲେ, ତାହାକୁ ଏକ ବାର ପୃଷ୍ଠାର ବହିଟି 'ରଣଦୁନ୍ଦୁଭି' ନାମରେ ପ୍ରକାଶ କଲେ। ଛଦ୍ମନାମ ରେ ପ୍ରେସର ନାମ ରହିଲା 'ରେଙ୍ଗୁନ୍ ବିପ୍ଳବୀ ପ୍ରେସ୍' ମୁଦ୍ରକ ଇୟାଂପୁଙ୍ଗୀ ଓ ପ୍ରକାଶକ 'କାମଦେବ' ବହିଟିର ଦାମ୍ ଥିଲା ଏକ ଅଣା। ଏହି ବହିଟି ଲେଖିବା ଯୋଗୁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗକଲେ।

ଲବଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ। ଆନ୍ଦୋଳନ ବଢିବାରେ ଲାଗିଲା। ବ୍ରିଟିଶ ସରକାର ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମା ଗାନ୍ଧିଙ୍କୁ ଆମନ୍ତ୍ରଣ କଲେ। ଏହି ସମୟରେ ବୀରକିଶୋର 'ରଣ ଭେରୀ' ନାମରେ ପାଂଚ ପୃଷ୍ଠାର ବହିଟିଏ ଲେଖିଲେ। ଯାହାର ଦାମ୍ ଥିଲା ମାତ୍ର ପଇସାଏ। ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲ ଦଣ୍ଡ ଭୋଗକଲେ। ତାଙ୍କର ଘର ସତର ଥର ଖାନ୍ ତଲାସ ହୋଇଥିଲା।

ବ୍ରହ୍ମପୁର କେନ୍ଦ୍ରୀୟ ଜେଲ ଭିତରେ ବୀରକିଶୋର ଥିବା ସମୟରେ ତ୍ରିରଙ୍ଗା ପତାକା ଉତୋଳନ କରିବାକୁ ନେଇ ଲାଠି ମାଡରେ ପ୍ରାୟ ଅଶି ଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ। ୧୯୪୩ ମସିହା ମାର୍ଚ୍ଚ ମାସ ଅଣତିରିଶ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ ଭିତରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା। ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତଟିଏ ଲେଖି ବୋଲି ଦେଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋ ଭୋ କାନ୍ଦି ଉଠିଲେ। ସେମାନଙ୍କ ମନରେ ଆଶଙ୍କା ହେଲା ଆଉ କ'ଣ ଦେଶ ସ୍ୱାଧୀନ ହେବ ନାହିଁ। ବୀରକିଶୋର ମନର ଭାବନାରୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହାସ, ଆଶା ଓ ଭାବନା ସୃଷ୍ଟି କରୁଥିଲେ।

ବୀରବାବୁ ଜେଲ ଭିତରେ 'ବୈଜୟନ୍ତୀ' ନାଁରେ ଗୋଟିଏ ହାତଲେଖା ପତ୍ରିକା ସଂପାଦନା କରୁଥିଲେ। ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୈକୁଣ୍ଠ ନାଥ ମହାନ୍ତି, ବିଶ୍ୱମ୍ବର ପରିଡା, ରାମପ୍ରସାଦ ମହାନ୍ତି ଓ ଅନେକ ଯୁବ ବନ୍ଦୀ। ସ୍ୱାଧୀନତାର ବାର୍ତ୍ତା ପ୍ରଚାର ପାଇଁ ସେ କିଛିଦିନ ପ୍ରଜାତନ୍ତ୍ର ପତ୍ରିକା ର ପ୍ରକାଶକ ହୋଇଥିଲେ। ଜେଲରୁ ଫେରି ବୀରକିଶୋର ଯେତେ ଗୁଡିଏ ପତ୍ର ପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ। ସେଥି ମଧ୍ୟରୁ 'ମୋ ଦେଶ' ପତ୍ରିକା ଥିଲା ଅନ୍ୟତମ। ବୀରବାବୁଙ୍କର ସରଳତାର ସୁଯୋଗ ନେଇ ଯିଏ ଯାହା ଖାଇଗଲେ। ଶେଷରେ 'ମୋ ଦେଶ' ପ୍ରେସ୍ ନିଲାମ ହୋଇଗଲା। ସେ ଜୀବନର ଶେଷ ପର୍ଯ୍ୟନ୍ତ ଋଣ ମୁକ୍ତ ହୋଇ ପାରିନଥିଲେ। ପାଠ୍ୟ ପୁସ୍ତକର ଯେତେବେଳେ ଜାତୀୟ କରଣ କରାଗଲା ବୀରକିଶୋର ସେ କମିଟିର ସଂପାଦକ ଥିଲେ। ତାଙ୍କ ଉଦ୍ୟମରେ ମୋ ଛବି ବହି ଓ ନୂଆ ଛବି ବହି ପ୍ରକାଶ ପାଇଥିଲା।



୧୯୪୬ ମସିହାରେ କଟକ ଜିଲ୍ଲା ବୋର୍ଡକୁ ସଭ୍ୟ ଭାବରେ ସେ ଜଗତ୍‌ସିଂହପୁରରୁ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ପରେ ସେ କଟକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍ ଚେୟାର ମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ। ବୀରବାବୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ଉପ-ନିର୍ବାଚନରେ ଜଗତ୍‌ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବିଧାନ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ।

ଜାତୀୟ କବି ବୀରକିଶୋର ସ୍ୱାଧୀନ ଭାରତ ବିଷୟରେ ଅନେକ ସ୍ୱପ୍ନ ଦେଖିଥିଲେ। ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଆଧୁନିକ ବାବୁମାନଙ୍କୁ ଦେଖି ସେ ଲେଖିଥିଲେ-

" ବାବୁ ନ ଚିହ୍ନିବ ଛତା ଯୋତାରୁ
ସାଧୁ ନ ଚିହ୍ନିବ ଗୋଲି ଚିତାରୁ
ନେତା ନ ଚିହ୍ନିବ ଖାଲି କଥାରୁ
ଥରେ ବୁଲି ଆସ କଲିକତାରୁ"

ମହାନ୍ ଜାତିୟ କବି ବିରୋକିଶୋର ଯାହା ପାଇଛନ୍ତି, ଅନ୍ୟକୁ ଦାନ କରିଦେଇଛନ୍ତି। ଆର୍ଥିକ ଦୁଃସ୍ଥିତି ରେ ପଡି ସେ କେବେ କାହା ପାଖରେ ହାତ ପତେଇ ନାହାଁନ୍ତି। ସେ ଦେଶର ସେବା ଓ ମାନବ ସେବାକୁ ମାଧବ ସେବା ବୋଲି ବିଶ୍ୱାସ ରଖି କାର୍ଯ୍ୟ କରି ଯାଇଛନ୍ତି। ୧୯୭୩ ମସିହା ଅପ୍ରେଲ ମାସ ୨୮ ତାରିଖ ରେ ସେ ଏହି ଧରାଧାମରୁ ବିଦାୟ ନେଲେ ଅମର ଧାମକୁ। ଆଜି ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ।

*ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି*
*ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

## ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ଆଉ ଭକ୍ତଙ୍କୁ ବଞ୍ଚିତ ରଖନ୍ତୁ ନାହିଁ ରାଜ୍ୟ ସରକାର : ସମ୍ବିତ ପାତ୍ର



**ଭୁବନେଶ୍ୱର :** ପ୍ରଭୁ ଶ୍ରୀ ଜଗନ୍ନାଥ ସମଗ୍ର ବିଶ୍ୱ ବହ୍ମାଣ୍ଡର ପ୍ରାଣକେନ୍ଦ୍ର। କରୋନା ସଙ୍କଟ ସମୟରେ ଶ୍ରୀମନ୍ଦିର ବନ୍ଦ ଥିବାରୁ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇବାରୁ ବଞ୍ଚିତ ଅଛନ୍ତି। ଏବେ ଦେଶର ବିଭିନ୍ନ ରାଜ୍ୟରେ କରୋନା ଗାଇଡଲାଇନ ଅନୁଯାୟୀ ମନ୍ଦିର ଖୋଲା ଯାଇଛି। ରାଜ୍ୟରେ ବି କରୋନା ପୂର୍ବ ଅପେକ୍ଷା ନିୟାନ୍ତ୍ରଣାଧୀନ ରହିଛି। ଭକ୍ତ, ସେବାୟତ ଏବଂ ସାଧାରଣ ଜନତା ନିଜ ପ୍ରଭୁଙ୍କ ଦର୍ଶନ ପାଇବା ପାଇଁ ବ୍ୟାକୁଳ ଚିତରେ ଚାହିଁ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଆଉ ବ୍ୟବଧାନ ନଆଣି ତୁରନ୍ତ ଶ୍ରୀମନ୍ଦିର ଖୋଲିବା ପାଇଁ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀ ସମ୍ବିତ ପାତ୍ର ରାଜ୍ୟସରକାରଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ, ସ୍ୱୟଂ ଜଗନ୍ନାଥ ପୁରୀରେ ଅନାଦି କାଳରୁ ନିବାସ କରି ଆସୁଛନ୍ତି। ପୁରୀ ଧାମ ଏବଂ ପ୍ରଭୁ ଜଗନ୍ନାଥଙ୍କ ପାଇଁ ଓଡିଶା ସାରା ବିଶ୍ୱରେ ପରିଚିତି ଲାଭ କରିଛି। ଗତ ସାଧାରଣ ନିର୍ବାଚନରେ ମଣିମାଙ୍କ ଅପାର କରୁଣା ଏବଂ ଲୋକଙ୍କ ଭଲପାଇବା ଓ ଆଶୀର୍ବାଦ ମତେ ପ୍ରାପ୍ତ ହୋଇଛି । ଏହି ପରିପ୍ରେକ୍ଷୀରେ ସାଧାରଣଜନତାଙ୍କ ସ୍ୱରକୁ ମୁଁ ରାଜ୍ୟସରକାରଙ୍କ ପାଖରେ ରଖୁଛି। ରାଜ୍ୟସରକାର ଶ୍ରୀମନ୍ଦିର ଦ୍ୱାର ଖୋଲି କୋଭିଡର ଏସଓପି ଅନୁଯାୟୀ ଭକ୍ତକୁ ମନ୍ଦିର ଭିତରେ ପ୍ରବେଶ କରାଇବାର ବ୍ୟବସ୍ଥା କରନ୍ତୁ। ରାଜ୍ୟସରକାର ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ଆଉ ଭକ୍ତମାନଙ୍କୁ ବଂଚିତ ରଖନ୍ତୁ ନାହିଁ। ରାଜ୍ୟସରକାର ଅନୁଶାସନରେ ଭିତରେ ଭକ୍ତମାନଙ୍କୁ ସ୍କ୍ରିନିଂକରାଇବା, ସେମାନଙ୍କ ହାତ ସଫା ଓ ସାନିଟାଇଜା କରିବା ସହ ସାମାଜିକ ଦୂରତା ରଖି ମନ୍ଦିର ଭିତରକୁ ପ୍ରବେଶ କରାଇ ମହାପ୍ରଭୁଙ୍କ ଦର୍ଶନ କରାଇବାର ବ୍ୟବସ୍ଥା କରିବା ପାଇଁ ଶ୍ରୀ ପାତ୍ର ଅନୁରୋଧ କରିଛନ୍ତି।

# ଜିଲ୍ଲାରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ

**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସରୋଜ କୁମାର ମିଶ୍ରଙ୍କ ତତ୍ତ୍ୱବଧାନରେ ଜିଲ୍ଲାରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନିମନ୍ତେ ବରିଷ୍ଠ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଜଗତ୍‌ସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମଗ୍ର ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି । ସମସ୍ତ ନିର୍ବାଚନ ମଣ୍ଡଳୀର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ମତାଦାନ କେନ୍ଦ୍ରରେ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଅଛି । ଏହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ତା. ୧୫.୧୨.୨୦୨୦ରିଖ ପର୍ଯ୍ୟନ୍ତ ବଳବତର ରହିବ । ଏହି ସମୟ ମଧ୍ୟରେ ମତଦାତା ମାନେ ସେମାନଙ୍କ ଭୋଟରତାଲିକା ସଂକ୍ରାନ୍ତିୟ ତଥ୍ୟ ଯାଚଂ କରିପାରିବେ ଓ ଆବଶ୍ୟକସ୍ଥଳେ ସଂଶୋଧନ ନିମନ୍ତେ ଆବେଦନ କରିପାରିବେ । ୨୦୨୧ ମସିହା ଜାନୁଆରୀ ୧ ତାରିଖ ସୁଦ୍ଧା ୧୮ ବର୍ଷରେ ପଦାର୍ପଣ କରିବାକୁ ଥିବା ଯୁବକ ଓ ଯୁବତୀମାନେ ଭୋଟର ତାଲିକାରେ ନିଜର ନାମ ଦରଜ କରିବା ପାଇଁ ଫର୍ମ ୬ ରେ ଆବେଦନ କରିପାରିବେ, ତାଲିକାରୁ ନାମ ବାଦ ଦେବା ପାଇଁ ଫର୍ମ ନଂ ୭ ଏବଂ ତାଲିକାରେ କୌଣସି ତ୍ରୁଟି ଥିଲେ ଫର୍ମ ନଂ.୮ ଭୋଟର ମାନଙ୍କୁ ଦେବେ ଏବଂ ଫର୍ମ ପୁରଣ କରିବା ରେ ସହାୟତା କରିବେ ବୋଲି ଜିଲ୍ଲାପାଳ ଶ୍ରୀ ମିଶ୍ର ସୂଚନା ଦେଇଥିଲେ । ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବୁଥ ମାନଙ୍କରେ ଜଣେ ବୁଥ ସ୍ତରୀୟ ଅଧିକାରୀଙ୍କୁ ଭୋଟର ତାଲିକା ସଂଶୋଧନ ପାଇଁ ନିୟୋଜିତ କରାଯାଇଛି । ସେମାନେ ଘରକୁ ଘର ବୁଲି ଭୋଟର ତାଲିକାରେ ମୃତ, ସ୍ଥାନାନ୍ତରୀତ ହେବା ଏବଂ ଦୋହରା ନାମ ସଂଯୋଗ ହୋଇଥିବା ଭୋଟର ମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ ଦେବା କିମ୍ବା ନୂଆ ଭୋଟର ମାନଙ୍କୁ ତାଲିକାରେ ସାମିଲ କରିବା ସହିତ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ସହିତ ଯେପରି କୌଣସି ଯୋଗ୍ୟ ମତଦାତା ତାଲିକାରୁ ବାଦ ନପଡିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ବୈଠକରେ ନିଷ୍ପତି ହୋଇଥିଲା । ଆସନ୍ତା ଜାନୁଆରୀ ୧୫.୨୦୨୧ ରେ ନୂତନ ଭୋଟର ତାଲିକା ପ୍ରକାଶ ପାଇବ । ଏହି ବୈଠକରେ ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ସହକାରୀ ଜିଲ୍ଲାପାଳ ଶାଶ୍ୱତ ଦାସ , ସହକାରୀ ଜିଲ୍ଲାପାଳ ଦିନେଶ ମିଶ୍ର, ସହକାରୀ ଜିଲ୍ଲାପାଳ ପ୍ରମୋଦ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ବିଜେଡି ଦଳ ପକ୍ଷରୁ ଅଲେଖ ଚରଣ ବାରିକ, ବିଜେପି ପକ୍ଷରୁ ଶାରଦା ପ୍ରସାଦ ଦାସ ଓ କଂଗ୍ରେସ ପକ୍ଷରୁ ମାନସ କୁମାର ରଥ ପ୍ରମୁଖଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ବୟସ୍କ-ପ୍ରସୂତି-ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ପ୍ରଦାନରେ ପ୍ରାଧାନ୍ୟ ଦିଆଯିବ'

**ଭୁବନେଶ୍ୱର :** କରୋନାର ମୁକାବିଲା ପାଇଁ ବିଭିନ୍ନ ଟୀକାର ପରୀକ୍ଷା ନିରୀକ୍ଷା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଟିକା ମିଳିବାର ଆଶା ଉଜ୍ଜ୍ୱଳ ହୋଇଛି। ଟିକା ପ୍ରଦାନ ସମୟରେ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଗର୍ଭବତୀ ମହିଳା ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଟିକା ପ୍ରଦାନରେ ପ୍ରାଥମିକତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏ କ୍ଷେତ୍ରରେ ଗୁରୁତର ରୋଗ ଭୋଗୁଥିବା ରୋଗୀଙ୍କର ଡାଟାବେସ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଏବଂ ସମାଜର ବିପଦସଙ୍କୁଳ ବର୍ଗର ବ୍ୟକ୍ତିମାନଙ୍କୁ ଟିକା ପ୍ରଦାନ ସମୟରେ ବୃତ୍ତିଗତ, ବୈଜ୍ଞାନିକ, ସମ୍ପୂର୍ଣ୍ଣ ଫଳପ୍ରଦ ଯୋଜନା ପ୍ରସ୍ତୁତି କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଟିକା ନେବା ପର୍ଯ୍ୟନ୍ତ ମାସ୍କ ହିଁ ହେଉଛି ସବୁଠାରୁ ଅଧିକ ଫଳପ୍ରଦ ପ୍ରତିରୋଧକ। ତେଣୁ ମାସ୍କ ବ୍ୟବହାର ସହିତ ସାମାଜିକ ଦୂରତା ଏବଂ ହାତ ଧୋଇବା ଆଦି ସୁରକ୍ଷା ବ୍ୟବସ୍ଥା ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଆମେରିକା ଓ ପଶ୍ଚିମ ଇଉରୋପୀୟ ଦେଶ ଏବଂ ଆମର ନୂଆଦିଲ୍ଲୀରେ ଯେଭଳି କୋଭିଡ୍‌ର ଦ୍ୱିତୀୟ ପ୍ରବାହ ଆରମ୍ଭ ହୋଇଛି, ତାକୁ ଦୃଷ୍ଟିରେ ରଖି ଆମେ ସତର୍କତାକୁ ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗୋଟିଏ ମାସ ଭିତରେ ଆମେରିକାରେ ସଂକ୍ରମଣ ତିନିଗୁଣ ବଢ଼ିବା ରୋଗର ଗୁରୁତର ଦିଗ ପ୍ରତି ସୂଚୀତ କରୁଛି। ତେଣୁ ଆମକୁ ଶୀତ ଋତୁ ପାଇଁ ସତର୍କ ରହିବା ସହିତ କୋଭିଡ୍ ହସ୍ପିଟାଲର ଆଇସିୟୁ ଗୁଡିକୁ ମଧ୍ୟ କାର୍ଯ୍ୟକ୍ଷମ ରଖାଯାଇଛି ବୋଲି କହିଥିଲେ। କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଆମର ଆଗୁଆ ଯୋଜନା, ଭିତ୍ତିଭୂମି ସୃଷ୍ଟି, ଦକ୍ଷତା ଏବଂ ବିଭିନ୍ନ ସ୍ତରରେ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଫଳପ୍ରଦ ତଦାରଖ ଜରିଆରେ ଆମେ ଯେପରି ସଂକ୍ରମଣକୁ ନିୟନ୍ତ୍ରଣ କରିପାରିଲେ, ଟୀକାକରଣ ପାଇଁ ମଧ୍ୟ ଏବେଠାରୁ ସେହି ଅନୁଭବକୁ ଉପଯୋଗ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଲୋକଙ୍କ ଜୀବନ ଜୀବିକା ଯେପରି ବ୍ୟାହତ




ନହୁଏ, ସେ ଦିଗ ପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ପରାମର୍ଶ ଦେଇଥିଲେ ଏବଂ ଏହାର ନିୟମିତ ସମୀକ୍ଷା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଓଡ଼ିଶା ଜାତୀୟ ସ୍ତରରେ ଶ୍ରେଷ୍ଠ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ ଭାବରେ ବିବେଚିତ ହୋଇଥିବା ଏବଂ କଳାହାଣ୍ଡି ଜିଲ୍ଲା ବେଷ୍ଟ ଇନ୍‌ଲ୍ୟାଣ୍ଡ ଡିଷ୍ଟ ପୁରସ୍କାର ପାଉଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ବିଭାଗ ଓ ଜିଲ୍ଲାପାଳଙ୍କୁ ଅଭିନନ୍ଦନ ଜଣାଇଥିଲେ। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଦଶମ ଓ ଯୁକ୍ତଦୁଇ ପରୀକ୍ଷା କିପରି ପରିଚାଳନା କରାଯାଇପାରିବ, ସେ ସମ୍ପର୍କରେ ବିଚାର ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ଦିଗରେ ଭାରତ ସରକାର ଏବଂ ଅନ୍ୟ ରାଜ୍ୟମାନେ କଣ ପଦକ୍ଷେପ ନେଉଛନ୍ତି, ତାକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ପୂଜା ଋତୁରେ ଜନସାଧାରଣ ଶୃଙ୍ଖଳିତ ଭାବରେ ନିୟମ ପାଳନ କରିଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠା ଯୋଗୁ ଆଜି ଓଡ଼ିଶାରେ ଆରୋଗ୍ୟ ହାର ୯୭% ବୃଦ୍ଧି ପାଇ ଆରୋଗ୍ୟଙ୍କ ସଂଖ୍ୟା ୩ଲକ୍ଷ ଟପି ଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବିଶେଷ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଶୀତ ଋତୁରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ କରାଯାଇଥିବା ବ୍ୟବସ୍ଥା ଏବଂ ଜୀବନଜୀବିକା ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ର ଶୃଙ୍ଖଳିତ ଟିକାକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ରାଜ୍ୟରେ କରୋନା ସଂକ୍ରମଣରେ ଉଲ୍ଲେଖନୀୟ ହ୍ରାସ ଘଟୁଛି ବୋଲି ସୂଚନା ଦେଇଥିଲେ। କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା ରବି ଚାଷ ତଥା ଜୀବିକା ସହାୟତାରେ ଦିଆଯାଇଥିବା ମାଛ, କୁକୁଡା ଚାଷ ଆଦି ବିଷୟରେ ଉପସ୍ଥାପନ ଦେଇଥିଲେ। ମାଛ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଚାଷ କ୍ଷେତ୍ରରେ ସବ୍‌ସିଡ୍ ପାଇବାରେ ଯେପରି ହିତାଧିକାରୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମବାୟ ସଚିବ ସତ୍ୟବ୍ରତ ସାହୁ ଖରିଫ ଧାନ ସଂଗ୍ରହ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ସୁଦ୍ଧା ୧୪,୯୭,୦୦୦ ଚାଷୀ ରେଜିଷ୍ଟ୍ରେସନ କରିଥିବା ବେଳେ ବରଗଡ, ସମ୍ବଲପୁର, କଳାହାଣ୍ଡି ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି ଏବଂ ଡିସେମ୍ବର ମାସ ସୁଦ୍ଧା ସବୁ ଜିଲ୍ଲାରେ ଧାନ ସଂଗ୍ରହ କରାଯିବ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ଏ ବର୍ଷ ରାଜ୍ୟରେ ପ୍ରଚୁର ଫସଲ ହୋଇଥିବାରୁ ଅନ୍ୟ ରାଜ୍ୟର ଅସାଧୁ ବ୍ୟବସାୟୀମାନେ ଯେପରି ସଂଗ୍ରହ କାର୍ଯ୍ୟରେ ଫାଇଦା ନ ନିଅନ୍ତି, ସେଥିପ୍ରତି ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନ, ପୋଲିସ ମହାନିର୍ଦ୍ଦେଶକ, ସ୍ୱତନ୍ତ୍ର ରିଲିଫ କମିଶନର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଅଂଶଗ୍ରହଣ କରିଥିଲେ।



ଲାଞ୍ଚ ନେଲେ, ଭିଜିଲାନ୍ସ ହାତରେ ଧରାପଡିଲେ

# ଜେଲ୍ ଗଲେ ଏଏସ୍‌ଆଇ, ଉଦ୍ୟାନ ଅଧିକାରୀ



**ଭୁବନେଶ୍ୱର :** ଗରିଫ ପାଇଁ ଜଣେ ଛାତ୍ରଙ୍କୁ ଧମକ ଦେଇ ୫୦୦ ଟଙ୍କା ଲାଞ୍ଚ ନେି ଧରା ପଡିଥିବା ଧଉଳି ଥାନା ଏଏସ୍‌ଆଇ ତୋଫାନ ଗୁରୁ ଜେଲ୍ ଯାଇଛନ୍ତି। ତୋଫାନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ଜେଲ୍ ପଠାଇ

## ଦୁର୍ନୀତି ଓ ଅପରାଧ

ଦିଆଯାଇଛି। ତୋଫାନଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ସୂଚନା ଦେଇଛନ୍ତି ଡିସିପି ଉମାଶଙ୍କର ଦାଶ। ମିଳିଥିବା ସୂଚନା ଅନୁସାରେ, ଧଉଳି ଥାନା ଅନ୍ତର୍ଗତ ଜୟପୁରର ପ୍ରଶାନ୍ତ ସାହୁ ନାମକ ଜଣେ ଯୁବକଙ୍କ ନାଁରେ ଡିହପୁର ଅଞ୍ଚଳର ସୁଦର୍ଶନ ପାଳ ନାମକ ଜଣେ ବ୍ୟକ୍ତି ବାଲି ନେଇ ଯାଇଥିବା ଅଭିଯୋଗ ଆଣିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ଏ ବାବଦରେ ତୋଫାନ ତାଙ୍କୁ ୧୫୦୦ ଟଙ୍କା ମାଗିଥିଲେ। ନହେଲେ ଆପୋଷ ବୁଝାମଣାପତ୍ରକୁ ଚିରି ଦେଇ ଗିରଫ କରିବାର ଧମକ ଦେଇଥିଲେ। ତୋଫାନ ଥାନାରେ ୫ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଅଧିକାରୀ ତାଙ୍କୁ ଗିରଫ କରିବା ସହ ଲାଞ୍ଚ ଟଙ୍କା ଜବତ କରିଥିଲା। ସେହିପରି ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଥିବା ନିମାପଡା ଉଦ୍ୟାନ ବିଭାଗ ଅଧିକାରୀ ରମାକାନ୍ତ ପରିଡା ଜେଲ୍ ଯାଇଛନ୍ତି। ତାଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ଝାରପଡା ଜେଲ୍ ପଠାଇ ଦିଆଯାଇଛି। ସୂଚନାଥାଉ କି, ପନିପରିବାର ଉତ୍ପାଦନକୁ ଗଚ୍ଛିତ ରଖିବା ଲାଗି ପ୍ୟାକ୍ ହାଉସ ନିର୍ମାଣ ଲାଗି କୃଷି ବିଭାଗ ପକ୍ଷରୁ ୩ଲକ୍ଷ ଟଙ୍କା ଅନୁମତି ମିଳିଛି। ଏଥିରୁ ୫୦% ଅର୍ଥ ଛାଡ କରାଯାଇଛି। ଝରଣା ସାମନ୍ତରାୟ ନାମ୍ନୀ ଜଣେ ମହିଳାଙ୍କର ପ୍ୟାକ୍ ହାଉସ୍ କରାଇ ଦେବା ଲାଗି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରମାକାନ୍ତଙ୍କୁ ଗିରଫ କରିଥିଲା ଭିଜିଲାନ୍ସ

# ଦୋକାନୀଙ୍କ ଆତ୍ମହତ୍ୟାକୁ ନେଇ ସନ୍ଦେହ

**ଭୁବନେଶ୍ୱର :** କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୨ରେ ଥିବା ମାର୍କେଟ୍ ବିଲ୍ଡିଂକୁ ଲାଗି ପୂଜା ସମିତି ଘର ନିକଟରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ନାମ ପୁନେଇ ପ୍ରଧାନ ଓ ତାଙ୍କ ନିଜ ଘର ନୟାଗଡ ଜିଲ୍ଲା ବୋଲି ଜଣାପଡିଛି। ଗତ କିଛିବର୍ଷ ହେବ ପୁନେଇ ଏଠାରେ ଏକ ପାନ ଦୋକାନ କରି ଗୁଜରାଣ ମେଣ୍ଟାଉଥିଲେ। ଅନ୍ୟତ୍ର ଘରଭଡା ନନେଇ ସେହି ପାନ ଦୋକାନ ଭିତରେ ହିଁ ସେ ରହୁଥିଲେ। ଗତ ଶନିବାର ଅପରାହ୍ନରେ କୌଣସି ଏକ କାରଣକୁ ନେଇ ନିଜ ଦୋକାନ ସମ୍ମୁଖରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଘଟଣା ପ୍ରଘଟ ପରେ କ୍ୟାପିଟାଲ ଥାନା ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଘଟଣା ସମ୍ପର୍କରେ ଛାନ୍‌ଭିନ୍ ଆରମ୍ଭ କରିଛି। ଏଥିସହିତ ପୋଲିସ ପୁନେଇଙ୍କ ପରିବାରକୁ ତାଙ୍କ ମୃତ୍ୟୁ ଖବର ଦେଇଛି। ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିପାରିବ ବୋଲି କହିଛି ପୋଲିସ। ତେବେ ପୁନେଇଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ସ୍ଥାନୀୟ ବ୍ୟବସାୟୀଙ୍କ ଭିତରେ ସନ୍ଦେହ ଦେଖାଦେଇଛି। ଅଧିକ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡିବ।

ଜାତୀୟ ଗଣମାଧ୍ୟମ ଦିବସ ଓ ବିର୍ସା ମୁଣ୍ଡା ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ

# 'ଏକମାତ୍ର' ସମ୍ପାଦକ ତାରକ ମହାନ୍ତି ସମ୍ବର୍ଦ୍ଧିତ



**ଭୁବନେଶ୍ୱର :** ଏ ଦେଶ ବିର୍ସା ମୁଣ୍ଡାଙ୍କ ପରି ନିର୍ଭୀକ ସଂଗ୍ରାମୀମାନଙ୍କ ବଳିଦାନ ଯୋଗୁଁ ସ୍ୱାଧୀନ ହୋଇଛି। ଜାତୀୟତାବାଦୀ କବିମାନଙ୍କ ପାଇଁ ପରାଧୀନ ମଣିଷ ମନରେ ସ୍ୱାଧୀନତାର ଆହ୍ୱାନ ସୃଷ୍ଟି କରିଛି। ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକଙ୍କ ପାଇଁ ସାମାଜିକ ସମତୁଲ୍ୟତା ଲାଭ କରିଛି ବୋଲି ଜାତୀୟ ଗଣମାଧ୍ୟମ ଦିବସ ଓ ବିର୍ସା ମୁଣ୍ଡା ଜୟନ୍ତୀର ଉଦ୍‌ଯାପନୀ ଉତ୍ସବରେ ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରି ଉପସ୍ଥିତ ଜନତାଙ୍କୁ ସଚେତନ ଓ ଜାଗରଣର ବାର୍ତ୍ତା ଦେଇଥିଲେ ବରିଷ୍ଠ ସାମ୍ବାଦିକ,ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଓ ସ୍ୱେଚ୍ଛାସେବୀ ବିଶ୍ୱରଞ୍ଜନ ମହାନ୍ତି, ଫ୍ୟାଶନ୍ ଡିଜାଇନର୍ ସୁଚରିତା ମହାନ୍ତି, ଶିଳ୍ପୋଦ୍ୟୋଗୀ ଗଦାଧର ଦାସ, ସମାଜସେବୀ ସମିତା ମହାରଣା, ଓଡ଼ିଆ ଚଳଚ୍ଚିତ୍ରର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ, ମୁଗୁପୁର ସମାଚାରର ସହ ସମ୍ପାଦକ ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ବଳିଦାନ ବିଷୟରେ ମହାନୁଭବ ବାର୍ତ୍ତା ଦେବା ସହିତ ଆମ ସାମ୍ପ୍ରତିକ ପରିସ୍ଥିତିରେ ଆମ ଦେଶରେ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅଭିନେତା, ନିର୍ଦ୍ଦେଶକ ଏବଂ ଆଶୁକବି ଦେବ ପାତ୍ରଙ୍କ କବିତା ଆବୃତ୍ତି ମଧ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। କୋଭିଡ୍-୧୯ର ନିୟମ ମାନିବା ସହ ଭୁବନେଶ୍ୱରର ୟୁନିଟ୍-୨ସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡ ପ୍ରାଙ୍ଗଣରେ ବିର୍ସା ମୁଣ୍ଡାଙ୍କ ୧୪୬ତମ ଜୟନ୍ତୀ ଏବଂ ୫୫ତମ ଜାତୀୟ ଗଣମାଧ୍ୟମ ଦିବସର ଉଦ୍‌ଯାପନୀ ଉତ୍ସବ ପାଳନ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଦୀୟମାନ ପ୍ରତିଭା ଓ ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ 'ଏକମାତ୍ର' ସାପ୍ତାହିକ ଖବର କାଗଜର ସମ୍ପାଦକ ତାରକ ମହାନ୍ତି। ଶ୍ରୀ ମହାନ୍ତି ସମ୍ବର୍ଦ୍ଧିତ ହେବା ଅବସରରେ କହିଥିଲେ ଯେ, ଭୟଶୂନ୍ୟ ନହେଲେ ସାମ୍ବାଦିକତା କରିବା କଷ୍ଟକର। ଯେଉଁମାନେ କର୍ପୋରେଟ୍ ହାଉସ ମାୟାରେ ପଡି ସାମ୍ବାଦିକତା ବୃତ୍ତିକୁ କଳୁଷିତ କରୁଛନ୍ତି ସେମାନେ ଏଥିରୁ ନିବୃତ ରହିବା ଦରକାର। ନଚେତ ଆଗାମୀ ଦିନରେ ସାମ୍ବାଦିକତା ବ୍ରତ ନୁହେଁ ବୃତ୍ତି ହୋଇ ରହିଯିବ। ଏହି ଅବସରରେ ସମ୍ବାଦର ସାମ୍ବାଦିକ କ୍ଷେତ୍ରବାସୀ ନାଏକ, ଅରଗସ୍‌ର ନ୍ୟୁଜ୍ ରିଡର୍ ମାଧୁରୀ ମହାନ୍ତି, ଓଲିଉଡ୍ ଅଭିନେତ୍ରୀ ପୂଜା ରାଓ ଓରଫ୍ ରାମେଶ୍ୱରୀ, ମଡେଲ ମେହେର ମହାନ୍ତି ଏବଂ ସମାଜସେବୀ ଦିଲୀପ୍ ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ କୋରିଓଗ୍ରାଫର୍ ପ୍ରିୟାଂଶୁ ଓ ଚାନ୍ଦନୀ ନୃତ୍ୟ ପରିବେଷଣ କରିଥିଲେ। ବିର୍ସା ମୁଣ୍ଡା କମିଟି, ରେଡ୍‌ଖୋଲ ଏବଂ ଡେନିମ୍ ଆଣ୍ଡ ବ୍ଲୁଜ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ ଆୟୋଜକ ପ୍ରିୟାଂଶୁ ପ୍ରିୟଦେବ ଏବଂ ସଂଯୋଜନା କରିଥିଲେ ସାମ୍ବାଦିକ ସତ୍ୟ ପାଣିଗ୍ରାହୀ।

# ୫ଟି ସ୍ଥାନରେ ଅଏଲ୍ ଇଣ୍ଡିଆର ସେସ୍‌ମିକ ସର୍ବେକ୍ଷଣ ଆରମ୍ଭ

**ନୂଆଦିଲ୍ଲୀ :** ପୁରୀ ଜିଲ୍ଲା କାକଟପୁର ନିକଟସ୍ଥ ମହାନଦୀ ଅବବାହିକା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଓପନ ଏକ୍ରେଜ୍ ଲାଇସେନ୍ସିଂ ପଲିସି(ଓଏଏଲପି)ଅଧୀନରେ ତୈଳ ଓ ଗ୍ୟାସର ସନ୍ଧାନ ପାଇଁ ଅଏଲ ଇଣ୍ଡିଆ ସେସମିକ୍ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୮ଟି ଜିଲ୍ଲାରେ ଥିବା ୫ଟି ସ୍ଥାନ (ବ୍ଲକ)କୁ ସାମିଲ କରାଯାଇଛି। ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି ଯେ ଭାରତ ସରକାରଙ୍କ ତୈଳ କମ୍ପାନୀ ଅଏଲ ଇଣ୍ଡିଆ ଲିମିଟେଡ୍ ମହାନଦୀ ଅବବାହିକାର ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ୫ଟି ସ୍ଥାନ (ବ୍ଲକ)ରେ ସେସମିକ୍ ସର୍ଭେ କରାଯିବ। ୧୨୪୮ କୋଟି ଟଙ୍କା ବ୍ୟୟରେ ବ୍ୟାପକ ଅନ୍ୱେଷଣ ଡ୍ରିଲିଂ ଅଭିଯାନକୁ ଅଗ୍ରସର କରାଯିବ। ଅଏଲ ଇଣ୍ଡିଆ ଲିମିଟେଡ୍ ଓଏଏଲପିର ତୃତୀୟ ରାଉଣ୍ଡରେ ତୈଳ ଓ ଗ୍ୟାସ ଅନ୍ୱେଷଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୫ଟି ବ୍ଲକର ୩ ହଜାର ବର୍ଗ କିମି କ୍ଷେତ୍ରରେ ସର୍ବେକ୍ଷଣ କାମ ଆଜି ଠାରୁ ଆରମ୍ଭ କରାଯାଇଛି। ଅଏଲ ଇଣ୍ଡିଆ ଦ୍ୱାରା ଶୁଭାରମ୍ଭ ହୋଇଥିବା ଅଭିଯାନରେ ଅନ୍ୱେଷଣ ସଫଳ ହେଲେ ମହାନଦୀ ଅବବାହିକା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ତୈଳ ଓ ଗ୍ୟାସର ବାଣିଜ୍ୟିକ ଉତ୍ପାଦନ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ଏକ ଗେମ-ଚେଞ୍ଜର ଭାବେ ଉଭା ହେବ ଓ ରାଜ୍ୟର ଅର୍ଥନୀତିରେ ନୂଆ ଅଧ୍ୟାୟ ସୃଷ୍ଟି ହେବ।

# ଜାମବଣୀ ଛକରେ ନିର୍ମିତ ହୋଇପାରୁନି ବିଶ୍ରାମାଗାର



**ଭଦ୍ରକ,(ବିକାଶ କୁମାର ଧଳ):** ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବଯୋଗୁଁ ଅର୍ଥ ମହଜୁଦ ଥାଇ ମଧ୍ୟ ବହୁ ପ୍ରକଳ୍ପ ନିର୍ମିତ ହୋଇପାରୁନାହିଁ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଂଚାୟତ ଅନ୍ତର୍ଗତ ଜାମବଣୀ ଛକ ଠାରେ ଥିବା ଯାତ୍ରୀ ବିଶ୍ରାମାଗାରରେ। ଯାତ୍ରୀଙ୍କ ସୁବିଧା ପଇଁ ଆଗରପଡ଼ା ଠାରୁ ବରପଦା ପର୍ଯ୍ୟନ୍ତ ଲମ୍ବିଥିବା ୨୨କି.ମି. ରାସ୍ତାର ବିଭିନ୍ନ ଛକ ଜାଗାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହୋଇଛି। ତେବେ କେତେକ ସ୍ଥାନରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଗୃହ ଗୁଡ଼ିକ ଭାଙ୍ଗି ରୁଜି ଗଲାଣି। ଫଳରେ ଯାତ୍ରୀ ଏଠାରେ ବସିବା ତ' ଦୂରର କଥା ଏହା ଭିତରକୁ ପଶିବାକୁ ଇଚ୍ଛା ପ୍ରକାଶ କରୁ ନାହାଁନ୍ତି। ଖରା, ବର୍ଷାରେ ଘଣ୍ଟା ଘଣ୍ଟା ଧରି ଖୋଲା ଆକାଶ ତଳେ ରହି ବସକୁ ଅପେକ୍ଷା କରୁଛନ୍ତି ଯାତ୍ରୀ। ଭଦ୍ରକ, ବାଲେଶ୍ୱର ଓ କେଉଁଝର ଜିଲ୍ଲାର ସୀମାବର୍ତ୍ତୀ ସ୍ଥାନରେ ଆଗରପଡ଼ା ଅବସ୍ଥିତ ଥିବାରୁ ଏହି ସ୍ଥାନ ଦେଇ ବିଭିନ୍ନ ସ୍ଥାନକୁ ଯାତ୍ରୀବାହୀ ବସ ଚଳାଚଳ କରିଥାଏ। ତେଣୁ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଲୋକମାନେ ଏଠାରେ ଅପେକ୍ଷା କରିଥାନ୍ତି। ବାରମ୍ବାର ଏହି ବିଷୟରେ ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲାପାଳ ଏବଂ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ମାତ୍ର ସେପରି ସ୍ଥଳେ କେହିବି ଦୃଷ୍ଟି ଦେଉନଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଥାଉକି;ଗତ ଜାନୁୟାରୀ ମାସରେ "ଭୂତକୋଠି ପାଲଟିଛି ବିଶ୍ରାମାଗାର"ଶୀର୍ଷକ ଖବର ବିଭିନ୍ନ ଗଣମାଧ୍ୟମରେରେ ପ୍ରକାଶିତ ହେବା ପରେ ପୂର୍ବତନ ସାଂସଦ ଅର୍ଜ୍ଜୁନ ଚରଣ ସେଠୀଙ୍କ ସାଂସଦ ପାଣ୍ଠିରୁ ଅନୁମୋଦିତ ହୋଇ ରହିଥିବା ୪ଲକ୍ଷ ଟଙ୍କାର ଅନୁଦାନ ରାଶିରେ ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଂଚାୟତ ଅନ୍ତର୍ଗତ ଜାମବଣୀ ଛକରେ ଭୂତକୋଠି ସଦୃଶ ପାଲଟିଥିବା ବିଶ୍ରାମାଗାରଟିକୁ ଭାଙ୍ଗି ନୂତନ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାର ସୂଚନା ବନ୍ତ ବ୍ଲକ ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି ଆମ ପ୍ରତିନିଧିଙ୍କୁ ଦେବାସହ ଆଗାମୀ ଦିନରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଥିବା ବିଶ୍ରାମାଗାରକୁ ସଂପୂର୍ଣ୍ଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବାର ମଧ୍ୟ କହିଥିଲେ। କିନ୍ତୁ ଇତି ମଧ୍ୟରେ ୧ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭରୁ ଅଟକିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ;ଉକ୍ତ ବିଶ୍ରାମାଗାର ଭଦ୍ରକ ବ୍ଲକ ଅଧିନରେ ଥିବାରୁ ଆଜି ପର୍ଯ୍ୟନ୍ତ ଏହାର ମରାମତିର କୌଣସି ସ୍ଥାୟୀ ସମାଧାନ ହୋଇପାରିନଥିବା ଜଣାପଡ଼ିଛି। ଅର୍ଥ ମହଜୁଦ ଥାଇ ମଧ ବିଶ୍ରାମାଗାର ନିର୍ମାଣ କରିବାକୁ ପ୍ରଶାସନିକ ଅଧିକାରୀ ବିହିତ ପଦକ୍ଷେପ ନ ନେବା ସେମାନଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ସମସ୍ତ ସମସ୍ୟାର ସମାଧାନ କରି ଏଠାରେ ଯଥା ଶୀଘ୍ର ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ମଣ୍ଡଳ ସ୍ତରରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷିତ କରିବ ବିଜେପି




**ଭୁବନେଶ୍ୱର :** ବିଜେପି ଏକ ଭିନ୍ନ ରାଜନୈତିକ ଦଳ। ଆର୍ଦଶ, ବିଚାର, ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାର କ୍ୟାଡର ଭିତିକ ଦଳ। ସଙ୍ଗଠନ ନିର୍ବାଚନ ସହ ପଦାଧିକାରୀ କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷଣ ବର୍ଗ ମାଧ୍ୟମରେ ପ୍ରଶିକ୍ଷିତ କରାଇବା ଏକ ନିୟମିତ ପ୍ରକ୍ରିୟା। ସମଗ୍ର ଦେଶରେ ଅଖିଳ ଭାରତୀୟ ମଣ୍ଡଳ ପ୍ରଶିକ୍ଷଣ ଶିବିର ଯୋଜନା-୨୦୨୦ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡିଶା ପ୍ରଦେଶ ପ୍ରଶିକ୍ଷଣ ବିଭାଗରଉତତ୍ୱାବଧାନରେ ରାଜ୍ୟର ସମସ୍ତ ସାଙ୍ଗଠନିକ ମଣ୍ଡଳରେ ଆସନ୍ତା ନଭେମ୍ବର ୨୦ରୁ ଡିସେମ୍ବର ୫ ମଧ୍ୟରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରାଯାଇ ରାଜ୍ୟର କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ମଣ୍ଡଳ ମାନଙ୍କରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣର କାର୍ଯ୍ୟ ନିର୍ବାହ କରିବେ। ଜିଲ୍ଲାସ୍ତରୀୟ ବିଷୟ ପ୍ରମୁଖଙ୍କ ୩ ଦିନିଆ ପ୍ରଶିକ୍ଷଣ ବର୍ଗର ଉଦଘାଟନ ପର୍ବ ପ୍ରଦେଶ ପ୍ରଶିକ୍ଷଣ ପ୍ରମୁଖ ଶ୍ରୀମତୀ ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ କାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ଟି ବିଷୟରେ ପ୍ରଶିକ୍ଷଣ ପୁସ୍ତିକା ନେତୃବୃନ୍ଦଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ରାଜ୍ୟ ସଭାପତି କହିଛନ୍ତି ଯେ, ଦଳ ଗଠନ ପାଇଁ ଶୃଙ୍ଖଳା ଓ ଅନୁଶାସନ ନିହାତି ଆବଶ୍ୟକ। ବିଜେପି ଏହି କାର୍ଯ୍ୟକୁ ଗୁରୁତ୍ୱ ଦେବା ସହ ଦଳୀୟ କାର୍ଯ୍ୟକର୍ତାଙ୍କୁ ଏହି ପ୍ରସଙ୍ଗରେ ପ୍ରଶିକ୍ଷଣ ଦେଇ ଆସୁଛି। କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରମୁଖ ତଥା ସାଂସଦ ଶ୍ରୀ ମହେଶ ଚନ୍ଦ୍ର ଶର୍ମା ପ୍ରଶିକ୍ଷଣ ଶିବିରର ଗୁରୁତ୍ୱ ଏବଂ ଆବଶ୍ୟକତା ପ୍ରସଙ୍ଗରେ ନିଜ ମତ ଉପସ୍ଥାପନା କରିବା ସହ ପ୍ରଶିକ୍ଷଣର ବିଷୟବସ୍ତୁ ଏବଂ ଏହାର ସଫଳ ରୂପାୟନ ସଂପର୍କରେ ଅବଗତ କରିଥିଲେ। କୋଭିଡ କଟକଣା କାରଣରୁ ଓ୍ୱେବିନାର ମାଧ୍ୟମରେ ଅନୁଷ୍ଠିତ ଏହି ଉଦଘାଟନ ପର୍ବରେ ଦିଲ୍ଲୀ ଠାରେ କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରମୁଖ ସାଂସଦ ମହେଶ ଚନ୍ଦ୍ର ଶର୍ମା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ଭର୍ଚୁଆଲ ମାଧ୍ୟମରେ ବିଭିନ୍ନ ସ୍ଥାନରେ ସାଂସଦ ଜୁଏଲ ଓରାମ, ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ରାଷ୍ଟ୍ରୀୟ ସଂପାଦକ ତଥା ସାଂସଦ ବିଶେଶ୍ୱର ଟୁଡୁ, ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର, ସାଂସଦ ଅପରାଜିତା ଷଡଙ୍ଗୀ, ପୂର୍ବତନ ରାଜ୍ୟ ସଭାପତି କେ.ଭି ସିଂହଦେଓ, ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଲେଖାଶ୍ରୀ ସାମନ୍ତସିଂହାର, ଗୋଲକ ମହାପାତ୍ର, ରବି ନାଏକ, ଉପସଭାପତି ଭୃଗୁ ବକ୍ସିପାତ୍ର, ପ୍ରଭାତି ପରିଡା, ଅନୀତା ଶୁଭଦର୍ଶିନୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ନାୟକ ପ୍ରମୁଖଙ୍କ ସହ ରାଜ୍ୟର ସମସ୍ତ ବିଜେପି ସାଂସଦ, ବିଧାୟକ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ ଓ ଜିଲ୍ଲା ପ୍ରଶିକ୍ଷଣ ସଂଯୋଜକ, ରାଜ୍ୟ ବିଷୟ ପ୍ରମୁଖ, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ସମସ୍ତ ନେତାଗଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଦେଶ ପ୍ରଶିକ୍ଷଣ ବିଭାଗର ଅନ୍ୟତମ ସଦସ୍ୟ ଦିଲୀପ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହା ପରେ ୩ ଦିନ ଧରି ୧୦ଟି ବିଷୟ ଅନୁସାରେ ପୃଥକ ପୃଥକ ଭାବେ ଭର୍ଚ୍ଚୁଆଲ ମାଧ୍ୟମରେ ପ୍ରଶିକ୍ଷଣ ବର୍ଗ ଚାଲୁ ରହିବ ବୋଲି ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି